17 JUL 1959

# ଆକ୍ସିଡେଣ୍ଟ

ଶ୍ରୀ ମହେଶ୍ୱର ମହାକୁଲ ବି. ଏ.

ଦାମ— ଏକ ଟଙ୍କା

ପ୍ରକାଶକ— ଶ୍ରୀ ମହେଶ୍ୱର ମହାକୁଲ ବି. ଏ.
ବୌଦ, ଓଡ଼ିଶା।

ପ୍ରଥମ ସଂସ୍କରଣ—ଏକହଜାର
ମୂଲ୍ୟ-- ଏକ ଟଙ୍କା
୧୯୬୦

ମୁଦ୍ରାକର—
ଶ୍ରୀ ଲକ୍ଷ୍ମୀଧର ନାୟକ
ସିଟି ପ୍ରେସ୍
ଯାମଶେଦପୁର

ପ୍ରଚ୍ଛଦପଟ୍ଟ ଓ ବ୍ଲକ—
ଓଡ଼ିଶା ପ୍ରେସ ଏଣ୍ଡ ପବ୍ଲିସିଟି ସର୍ଭିସ,

# ଉପହାର

ଶ୍ରୀ ...................................................................................

272
17 JUN 1963

................................................................................ଙ୍କୁ

ସ୍ନେହ ଓ ବନ୍ଧୁତାର ନିଦର୍ଶନ ସ୍ୱରୂପ ।

# ଉତ୍ସର୍ଗପତ୍ର

ଯେଉଁ କୈଶୋରବନ୍ଧୁ ଯମେଶ୍ୱର ମିଶ୍ରଙ୍କ
ଉତ୍ସାହ, ଉଦ୍ଦୀପନା ଓ ପ୍ରେରଣା
ବଳରେ ଏହୁ ଉପନ୍ୟାସ ଖଣ୍ଡିକ
ଲେଖିବାରେ ମୁ ସମର୍ଥ ହୋଇ ପାରିଛି
ତାଙ୍କର କରକମଳରେ ଏହା
ଅର୍ପଣ କଲି ।

ଲେଖକ

# ନିଜ କଥା

ଲେଖକ ହେବାର କଳ୍ପନାଟା ଥିଲା ମୋର ବହୁଦିନରୁ । ଭେଟେ-ଅର ସ୍ଵଚ୍ଛ ଜୀବନରେ କିଛି ନା କିଛି ଗୋଟାଏ ଲେଖା ଆରମ୍ଭ କରିବି । ମାତ୍ର ଏ କର୍ମମୟ ତରୁଣ ଜୀବନରେ ଅବସର କେତେବେଳେ ମିଳେନା । ଦିନ ଗୁଡାକ କଟିଯାଏ ସାଙ୍ଗ ସାଥିଙ୍କ ଖୁସି ମେଳରେ, ମଜାଗପରେ । ଅନାବଶ୍ୟକ ସ୍ଫୁର୍ତ୍ତି କରିବାକୁ ଯଥେଷ୍ଟ ସମୟ ମିଳେ । ମାତ୍ର କଲମ ଧରି ଲେଖି ବସିଲେ ସମୟ ଖୁବ୍ ଟେଡ଼ିୟସ୍ ଜଣାପଡେ । ଲେଖି ବସିବାକୁ ପେସେନ୍ସ ରହେନା।

ଏତେଦିନ ପରେ ହଠାତ୍ ଏହି ଉପନ୍ୟାସ ଖଣ୍ଡିକ କଲମ ମୁନରୁ ମୋର ଅକ୍ସିଡେଣ୍ଟାଲି ବାହାରି ପଡିଲା । ବାଲ୍ୟବନ୍ଧୁ ଶ୍ରୀମାନ୍ ଯମେଶ୍ୱର ମିଶ୍ରଙ୍କ ବାରମ୍ବାର ଉତ୍ସାହ ଓ ସାହାଯ୍ୟ ପାଇ ମୁଁ ଏ ପୁସ୍ତକଖଣ୍ଡ ଲେଖିପାରି ଥିବାରୁ ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି ।

ପ୍ରିୟ ପାଠକବୃନ୍ଦ । ଏପରି ଜଣେ ଅଜଣା ଅଶୁଣା ଲେଖକଙ୍କ ନାମ ଦେଖି ପ୍ରଥମେ ଚମକି ପଡ଼ିବେ ନାହିଁ । ଆପଣମାନଙ୍କ କର୍ମମୟ ନୀରସ ଜୀବନରେ ଏ ଖଣ୍ଡିକ ବେଶ୍ ଆଶା ଓ ଆନନ୍ଦ ସଂଗ୍ରହ କରି ପାରିବ ଏହା ମୋର ଦୃଢ଼ବିଶ୍ୱାସ । ଇତି ।

ଲେଖକ

ଭିକ୍ଟୋରିଆ ଟର୍ମିନସ୍‌ରେ ଗାଡ଼ି ପହଞ୍ଚିଲା ବେଳକୁ ରାତି ସାଢ଼େ ନଅଟା । ରମେଶ୍ୱର ଦୟାଲ୍ ଫାଷ୍ଟକ୍ଲାସ କମ୍ପାର୍ଟମେଣ୍ଟରୁ ଓହ୍ଲାଇପଡ଼ି ଚାଲିଲେ ପ୍ଲାଟ୍‌ଫର୍ମକୁ । ସାଙ୍ଗରେ ଚାକର ଟୋକା ନରେନ୍ । ପାଖରେ ବେଶି କିଛି ଜିନିଷ ପତ୍ର ନ ଥିଲା । ଖଣ୍ଡିଏ ଚମଡ଼ା ସୁଟକେଶ ଏବଂ ବେଡ଼ିଂଟା । ନରେନ୍ କାନ୍ଧେ ଏତକ ଧରି ଚାଲିଲା ପ୍ଲାଟ୍‌ଫର୍ମ ଆଡ଼କୁ । ରମେଶ୍ୱରଙ୍କ ଯୋଏର କେହି ଜଣେ ବନ୍ଧୁ ସମୟରୁ ଅପେକ୍ଷା କରି ରହିଥିଲା । ହଠାତ୍ ସଲାମ ପକାଇ ଲୋକଟି ନମ୍ର ହୋଇ ପାଖରେ ଛିଡ଼ା ହେଲା । ବାବୁ ପଚାରିଲେ, କରିମ ଖାଁ । ସବୁ ଠିକ୍ ଅଛି ତ ? ଉତ୍ତର ଆସିଲା—ହଜୁର । ବାବୁ ବସିଲେ ଫ୍ରଣ୍ଟ ସିଟ୍‌ରେ । ଚାକର ଟୋକା ବେଡ଼ିଂପତ୍ର ଧରି ପଛ ପାଖରେ ବସିଲା । ମଟର ଖଣ୍ଡିକ ଛୁଟିଲା ପବନଠାରୁ ଅଧିକ ଦ୍ରୁତ ଗତିରେ । କରିମ୍ ଖାଁ । ଖୁବ୍ ଏକ୍ସପର୍ଟ ଡ୍ରାଇଭର । ଅଧଘଣ୍ଟାକରେ ଗାଡ଼ି ପହଞ୍ଚିଲା ଦୟାଲ ବାବୁଙ୍କ କୋଠାରେ । ବାବୁ କୋଠା ଆଗରେ ପହଞ୍ଚିଛନ୍ତି କି ନାହିଁ ସଙ୍ଗେ ସଙ୍ଗେ ଦଶ ନା ବାର ସଲାମ । ବାବୁ ଭିତରକୁ ଚାଲିଲେ ।

କୋଠାଟି ଫିରୋଜ ଶାହ ମେହେଟା ରୋଡ଼ରେ। ଦୟାଲ୍‌ ବିଲ୍‌ଡ଼ିଂ କହିଲେ ବମ୍ବେ ସହରରେ ନ ଜାଣେ କିଏ ? ରାମେଶ୍ବର ଦୟାଲ ବମ୍ବେର ଜଣେ କୋଟିପତି ଶେଠ। ଟଙ୍କା ଦୁନିଆରେ କଅଣ ନ କରନ୍ତି ? କିଏବା ଟଙ୍କାର ଅଧୀନ ନୁହେଁ। ରାମେଶ୍ବର ଅଜସ୍ର ଭଣ୍ଡାରର ମାଲିକ। ବମ୍ବେ ମାଡ୍ରାସ ରେଙ୍ଗୁନ କଥାତ ଛାଡ଼ ବିଦେଶରେ ମଧ୍ୟ ତାଙ୍କର ବାଣିଜ୍ୟ ସମ୍ବନ୍ଧ ରହିଛି। ବମ୍ବେର ଅନେକ ସିନେମାର ମାଲିକ ହୋଇଛନ୍ତି ଶେଠ ରାମେଶ୍ବର ଦୟାଲ୍‌। ଦୟାଲ ବିଲଡ଼ିଂ ବମ୍ବେ ସହରରେ ସର୍ବୋତ୍କୃଷ୍ଟ ସୁନ୍ଦର କୋଠା। ସମ୍ମୁଖରେ ଅଧୁନିକ ଧରଣର ଫୁଲର ମନୋହର ବଗିଚା ନାନା ପ୍ରକାର ଦେଶୀ ଫୁଲରେ ଭରା। ପଛପଟେ ଏକ ଫଳ ବଗିଚା। ସମୁଦାୟ ଘରଟି ବିଜୁଳି ଆଲୁଅରେ ଭରା। ଠାଏ ଠାଏ ଇଲେକଟ୍ରିକ୍ ପଙ୍ଖା ବୁଲୁଛି। ଡ୍ରଇଂ ରୁମଟି ଅତି ସୁନ୍ଦର ଭାବରେ ସଜ୍ଜିତ। ଜିନିଷ ଗୁଡ଼ିକ ସବୁ ବିଲାତ ରପ୍ତାଣୀ। ଦେଶୀ ଜିନିଷ ଭିତରେ ଟେବୁଲ କ୍ଲଥ୍‌ ଏବଂ ବାହାରେ ଥିବା ପରଦାଟି ବିଦେଶୀ ଜିନିଷ ସହିତ ବେଶ କମ୍ପିଟିସନ୍‌ ଏ ଲଗାଇ ଦେଉଛନ୍ତି।

ନିହାର ସକାଳୁ ଉଠି ଦେଖେ ସେ ଏକ ସମ୍ପୂର୍ଣ୍ଣ ନୂତନ ଜାଗାରେ ପହଞ୍ଚି ଯାଇଛି। ତାକୁ ସମସ୍ତ ଜିନିଷ ନୂଆ ଲାଗିଲା। ରାତି ଅନ୍ଧାରରେ ବୋଧହୁଏ ସେ ସମସ୍ତ ଜିନିଷ ଭଲ ଭାବରେ ଦେଖିପାରି ନ ଥିଲା। ମନେ ମନେ ଭାବିଲା ଏ କଅଣ ସତେ ସ୍ବର୍ଗପୁରୀ। ନିଜ ଚକ୍ଷୁକୁ ବିଶ୍ବାସ କରି ନ ପାରି ଭାବିଲା ଯେମିତି କୌଣସି ମ୍ୟାଜିକ ବଳରେ ସେ ସେଠାକୁ ବୁଲି ଯାଇଥିଲା। ଭଲ ଭାବରେ ଆଖି ଦୁଇଟାକୁ ମଳି ଦେଇ ଘରର ଅଡ଼କୁ ଯାଇ ବୁଲି ଆସିଲା। ଦେଖିଲା ତାର ଧାରଣା ସମ୍ପୂର୍ଣ୍ଣ ଭୁଲ। ସେ ନିର୍ବୋଧ ପରି କଅଣ ଗୁଡ଼ାଏ ଭାବୁଛି। ରାମେଶ୍ବର ବାବୁଙ୍କ କୋଠା ସାମନାରେ ବଡ଼ ବଡ଼ ଅକ୍ଷରରେ ଲେଖା

ହୋଇଥିଲା—ସୋମେଶ୍ୱର ବ୍ରଜଲାଲ ଦୟାଲ ବିଲ୍ଡିଂ ନମ୍ବର ୨

ନମ୍ବର ୨ ଦେଖି ନିହାରର ମନରେ ଖୁବ କୌତୁହଳ ଜାଗିଲା । କୋଠାରେ ନମ୍ବର ଥିବାର କାରଣ ସେ ବୁଝିପାରିଲା ନାହିଁ ସୋମେଶ୍ୱର ବାବୁଙ୍କ ଅଧୀନରେ ଏହି କୋଠା ଗୋଟିଏ ନୁହେଁ ଏହିପରି ଅନେକ କେତେ ଗୋଟି କୋଠା ବମ୍ବେ ସହରରେ ଅଛି । ପ୍ରତିଦିନ ଶହ ଶହ ଲୋକ କିଏ ମୋଟରରେ, କିଏ ରିକ୍ସାରେ କିଏ ଅବା ଘୋଡ଼ା ଗାଡ଼ିରେ ଆସି ଆସି ପହଞ୍ଚି ଯାଆନ୍ତି ଶେଠଜୀଙ୍କ ପାଖରେ । ଉଦ୍ଦେଶ୍ୟ ତାଙ୍କ ସାଙ୍ଗରେ ଘରଭଡ଼ା ବାବଦ ନେଇ କଥାବାର୍ତ୍ତା କରିବା । ଘର ଭଡ଼ାରୁ ଦୟାଲଦାସ ପ୍ରତି ମାସ ଆଦାୟ ପାଆନ୍ତି ଦଶହଜାର ଟଙ୍କା ।

ନିହାର ପାଇଁ ସ୍ୱତନ୍ତ୍ର ଗୋଟିଏ କୋଠରୀ ସଜ୍ଜିତ ହୋଇ ରହିଲା । ସବୁବେଳେ ପାଖରେ ଚାକର ଟୋକା ଜବାନା । ଅପେକ୍ଷାରୁ ହିଁ ଭଲ ରହୁଛି । ନିହାର ପ୍ରତିଦିନ ସକାଳୁ ଉଠି ମିନତୀ ଦେବୀଙ୍କ ପାଦତଳେ ମୁଣ୍ଡଟି ଲଗାଇଦିଏ । ସେହିଥିରେ ସେ ପାଏ ଉଜ୍ଜ୍ୱଳ ମାତୃଭକ୍ତିର ଗଭୀର ପରିକାଷ୍ଠା ଏବଂ ବଦଳରେ ମିନତୀ ଦେବୀ ପାଆନ୍ତି ପ୍ରକୃତ ବାତ୍ସଲ୍ୟ ପ୍ରେମ । ବିପୁଳ ସମ୍ପତ୍ତିର ମାଲିକ ଏବଂ ଅସଂଖ୍ୟ ଚାକର ବାକରଙ୍କ ସେବାର ଅଧିକାରୀ ହୋଇଥିଲେ ମଧ୍ୟ ସବୁବେଳେ ଶେଠ ଦମ୍ପତ୍ତିଙ୍କ ମନରେ ବିଷାଦ ଭାବ ଦେଖା ଯାଏ । ସାନଚିଉ ଅଗାଳତା ଉପଚେଇବେଳେ ଆସି ସୋମେଶ୍ୱର ଦୟାଲଙ୍କ ନାଲିପଗଡ଼ିକୁ ଟାଣିବା ଉଦ୍ଦେଶ୍ୟରେ ପିଠି ଉପରକୁ ଚଢ଼ିଯାଏ ସେତେବେଳେ ସେମାନେ ଗଭୀର ଆନନ୍ଦ ଉପଭୋଗ କରନ୍ତି । ମାତ୍ର ଅନେକ ସମୟରେ ସେମାନଙ୍କ ମନରେ ଗୋଟିଏ ବିଷୟ ନେଇ ଅବସାଦ ଆସିଯାଏ । ଅନ୍ତରରେ ଏକ ପ୍ରଶ୍ନ ସେମାନଙ୍କୁ ବିବ୍ରତ କରି ପକାଏ । ସେମାନେ ଭାବନ୍ତି ଏହି ବିପୁଳ ସମ୍ପତ୍ତିର ଅଧିକାରୀ କିଏ ?

ସେମାନେ ଯେ ଅଳ୍ପଦିନ ପରେ ବିଦାୟ ନେଇ ଚାଲିବେ। ତେବେ ଏ ସମସ୍ତର ଅନ୍ତର୍ନିହିତ କୁଶଳତା ନା ଅଶାଳତା। ଘର ମୁହୂର୍ତ୍ତରେ ପୁଣି ମନେ ପଡ଼ିଯାଏ। ସେମାନେ ପର ନୁହନ୍ତି—ଧନ୍ୟା। ଏହି ଅନ୍ତର ବେଦନା ଟିକକ ଜଳୀୟ ବାଷ୍ପ ପରି ଉଠିଯାଏ ସେମାନଙ୍କ ହୃଦୟ ଆକାଶକୁ ଅବଶ୍ୟତରେ ଶୋକ ବୃଷ୍ଟି ଉଦ୍ଦେଶ୍ୟରେ। ନାହାର ରଞ୍ଜନକୁ ଗାଇଲଦିନ ଠାରୁ ମିନତି ଦେବୀ ବେଶ ଅସ୍ୱସ୍ତି ଅନୁଭବ କରୁଛନ୍ତି। ନାହାରର ମଧ୍ୟ ସମସ୍ତଙ୍କ ପ୍ରତି ଏକ ମମତା ଜନ୍ମି ଯାଇଛି। ଦୟାଳଙ୍କୁ ସେ ବାବା ଏବଂ ମିନତା ଦେବୀଙ୍କୁ ମାମି ବୋଲି ଡାକେ। ପୁଷ୍ପ ଏବଂ ଆଶା ତାର ଆଦରର ଛୋଟ ଭଉଣୀ। ଅସିବା ଦିନୁ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ପୁଷ୍ପ ନାହାର ପାଖରେ ଘଣ୍ଟାଏ ଲେଖାଏଁ ଇଂରେଜୀ ପଢେ। ସେଥିରେ ନାହାର ପାଏ ଆନନ୍ଦ ଓ ଆଶ୍ୱାସନା। ସେ ଯେ ଦୟାଳଙ୍କ ଘରେ ରହୁଛି। ତାଙ୍କ ପ୍ରତି କୃତଜ୍ଞ ଓ ଅନୁରକ୍ତ ରହିବା ତାହାର ନିତାନ୍ତ କର୍ତ୍ତବ୍ୟ। ନିଜର କର୍ତ୍ତବ୍ୟ ସମ୍ପାଦନ କରେ ବୋଲି ସେ ପାଏ ଆଶ୍ୱାସନା।

ନାହାରର ପ୍ରତି ଦିନ କାର୍ଯ୍ୟ ହେଉଛି ଘରର କାମଦାମ ବୁଝିବା, ଷ୍ଟୋର ବାବୁଙ୍କ ପଇସା ଦେବା ଏବ ଅନ୍ୟାନ୍ୟ ମାମୁଲି ହିସାବ ପତ୍ର ରଖିବା। ଏ ସବୁକୁ ସେ ବେଶି Import ance ଦିଏନା। ସାଇକେଲ ଖଣ୍ଡିକ ନେଇ ଗୁରୁବାର ବେଳେ ବୁଲି ବାହାରେ ତ ଓପରେ ଯାଇ ସ୍ୱଚ୍ଛ ଟିକ୍ ଆଠଟା ବେଳେ। କୌଣସି ଦିନ କ୍ଲବରେ ହେଲେ ଚଞ୍ଚଳ ବାହାର ଅସିବାଟା ହୁଏ ନାହିଁ ସିନେମା ଦେଖିବା, ପାର୍କରେ ବୁଲିବା, ଓଡ଼ିଆ ବନ୍ଧୁ ରଞ୍ଜନ ପାଖକୁ ଯାଇ ଘଣ୍ଟା ଘଣ୍ଟା ଧରି ଗୁପଗପ କରିବା ତାର ରୁଟିନରେ ଇନ୍ ଅଡ଼ରଅପ୍ ମେବର କାମ।

ଦୟାଳ ବାବୁ ଏଥିପାଇଁ ତାଙ୍କୁ କିଛି କହନ୍ତି ନାହିଁ । ଏ ଗୁଡ଼ାକ ଆଧୁନିକ ଜୀବନର ଗୋଟାଏ ଗୋଟାଏ ଉପାଦେୟ ବସ୍ତୁ ବୋଲି ସେ ଭାବନ୍ତି । ସେ ଗୃହାନ୍ତି ବମ୍ବେପରି ସହରରେ ରହି ନିହାର ଫରୱାର୍ଡ଼ ହେବା ଦରକାର । ସେସବୁ ନହେଲେ ଆଧୁନିକ ଜଗତରେ ଚଳିବା ବଡ଼ ମୁସ୍କିଲ । ଏ ସମସ୍ତ ପୂର୍ତ୍ତି କରିବା ସତ୍ତ୍ୱେ ନିହାର ନିଜ କର୍ତ୍ତବ୍ୟକୁ ଭୁଲି ଯାଏ ନାହିଁ । ଯେଉଁ ପଢ଼ୁଆସିଲେ ମଧ୍ୟ ତାର ମନେ ପଡ଼ିଯାଏ ତାର ଦୈନନ୍ଦିନ ଜୀବନର ଏକ କର୍ତ୍ତବ୍ୟ— ସେ ଯେ ପୁଷ୍ପ ଲତାର ଟ୍ୟୁଟର । ଅଢ଼ ତରତର ହୋଇ ଡାକ ପକାନ୍ତି ପୁଷ୍ପ ପୁଷ୍ପ ବୋଲି । ମନେ ହୁଏ ଯେପରି କି ତାକୁ କିଛି ଜରୁରୀ ଆଦେଶ ଦିଆଯିବ । ଶିକ୍ଷକଙ୍କ ଡାକରା ପଡ଼ିଲେ ସାଧାରଣତଃ ଛାତ୍ର ଟିକିଏ ଶଙ୍କିଯାଏ । ବାଧ୍ୟ ହୋଇ ମୁଣ୍ଡ ନୁଆଇ ଶିକ୍ଷକଙ୍କ ପାଖକୁ ଧାଇଁ ଯାଏ—ଟିକିଏ ଶଙ୍କିତ ଗଳାରେ ଆଜ୍ଞା କହି ।

ମାତ୍ର ପୁଷ୍ପଲତାର ଏ ଭୟ ନାହିଁ । ବଡ଼ ଅପାଙ୍କ ପାଟିରୁ ଡାକ ଶେଷ ନ ହେଉଣୁ ସେ ବସ୍ତାନି ଧରି ଦୌଡ଼ିଯାଏ ନିହାର ଭାଇଙ୍କ ପାଖକୁ । ବସ୍ତାନି ନେବାକୁ କେବେ ହେଲେ ଭୁଲେ ନାହିଁ । କାରଣ ଅପାଙ୍କର ସେପରି ବରାଦ । ତା ପରେ ପାଠପଢ଼ା ଆରମ୍ଭହୁଏ ।

ପୁଷ୍ପଲତା ଦୟାଳ ବାବୁଙ୍କର ବଡ଼ଝିଅ । ବୟସ ଆଠବର୍ଷ ହେବ । ହିନ୍ଦୁସ୍କୁଲ ପଞ୍ଚମ ଶ୍ରେଣୀରେ ପଢ଼େ । ଜଇମ୍ ଖାଁର ପ୍ରତି ଦିନର କାମ ହେଉଛି ପୁଷ୍ପଲତାକୁ ସାଢ଼େ ଦଶଟାରେ ନେଇ ସ୍କୁଲରେ ଛାଡ଼ିଦେଇ ଆସିବା । ପୁଣି ଚାରି ଘଣ୍ଟାରେ ତାକୁ ଆଣିବା ପାଇଁ । ନିହାର ଆସିବା ଦିନ ଠାରୁ ପ୍ରାଇଭେଟ ଟ୍ୟୁଟର ଆବଶ୍ୟକ ନାହିଁ । ସେ ଏହି କାମ ତୁଲାଇ ନେଉଯାନ୍ତି । ତାଙ୍କୁ ହିନ୍ଦି ଭଲ ଭାବରେ ଜଣା । ହିନ୍ଦି ଲେଖିପଢ଼ି ଜାଣନ୍ତି । ପୁଷ୍ପଲତା ନିହାର

ପାଖରେ ହିନ୍ଦି ଓ ଇଂରେଜୀ ପଢେ । ନିଜ ଘରର ପିଲା ମନେ କରି ଦୟାଲ ବାବୁ ତାଙ୍କ ଜିମାରେ ପୁଷ୍ପକୁ ଛାଡ଼ି ଦେଲେ ।

ଛ ମାସ ପରର କଥା ଅଛି ନିହାର ବାବୁଙ୍କ ମୁହଁରେ ଏକ ନୂତନ ଆନନ୍ଦର ଜୁଆର ଖେଳି ଯାଉଛି । ପୁଷ୍ପଲତା ସ୍କୁଲରୁ ଫେରୁଛି ଅତି ଖୁସି ଖୁସି ମନରେ । ଅନ୍ୟ ଦିନ ପରି ଖାଲି ହାତରେ ସେ ଆସିନାହିଁ । ହାତରେ ଅଛି ବସ୍ତାନିଟା ଓ ଅଧିକ ଗୋଟାଏ ନୂଆ ଜିନିଷ । ସ୍ୱର୍ଗରୁ ଚୋରି କରି ଆଣିଲା ପରି ପୁଷ୍ପ ଚାଲିଲା ମାମିଙ୍କ ପାଖକୁ ମିନତୀ ଦେବୀ ସେ ସବୁ ଦେଖି ଅବାକ୍ ହୋଇ ପଡ଼ିଲେ ।

ସଙ୍ଗେ ସଙ୍ଗେ ପଚାରିଲେ ଏ ଗୁଡ଼ାକ ଆଣିଲୁ କେଉଁଠୁ ? ଏତେ ଜିନିଷ । ଗୋଟାଏ ଲଞ୍ଚ୍ ବାକ୍ସ; ଉଲ୍, ନାନା ରକମ ପେନସିଲ୍—ଏତେ ଗୁଡ଼ାଏ... ..... ପୁଷ୍ପ ହସି ହସି କହିଲା ମାମି ଏସବୁ ପ୍ରାଇଜ । ଗଭର୍ଣ୍ଣର ସାହେବ ଆଜି ପ୍ରାଇଜ ଡିଷ୍ଟ୍ରିସନ୍ ଏ ଗୁଡ଼ାକ ଦେଇଛନ୍ତି ।

ମିନତୀ ଦେବୀ କିଛି ବୁଝି ନ ପାରି ପଚାରିଲେ କଅଣ ? ପ୍ରାଇଜ କଅଣ ?

ପୁଷ୍ପର କଥାବାର୍ତ୍ତା ଶୁଣି ନିହାର ନ ହସି ରହି ପାରିଲେ ନାହିଁ । କଥାଟା ତରତର ହୋଇ ରଖିଦେଇ ରୁମ୍ ସାମନାକୁ ଚାଲି ଆସିଲା । ତା ଠାରୁ ସମସ୍ତ ଘଟଣାଟା ମିନତୀ ଦେବୀ ବୁଝି ପାରିଲେ । ସେ ଦିନ ତାଙ୍କ ସ୍କୁଲରେ ପୁରସ୍କାର ବିତରଣୀ ସଭା ହୋଇଥିଲା । କଟକ ମହାମାନ୍ୟ ଲାଟ ସାହେବ ଓ ତାଙ୍କର ସହଧର୍ମିଣୀ ନିମନ୍ତ୍ରିତ ହୋଇ ଆସିଥିଲେ । ବିଭିନ୍ନ ଖେଳ ପ୍ରତିଯୋଗିତାରେ ପୋଜିସନ୍ ରଖିଥିବା ପିଲାମାନଙ୍କୁ ପୁରସ୍କାର ମିଳିଲା । ପୁଷ୍ପଲତା ଏ ପୁରସ୍କାର ପାଇଛି ଡ୍ରଇଂ ପ୍ରତିଯୋଗିତାରେ । ବାଳିକା ପିଲାଙ୍କ ଭିତରେ ସେ ହୋଇଛି ଫାଷ୍ଟ ଡ୍ରଇଂରେ ପୁଷ୍ପର ଏପରି କୃତିତ୍ୱ ଆଜିକା କେଉଁ ଦିନୁ ହେବ ମିନତୀ

ଦେବୀ ଅସ୍ଥିର ହେଲେ । ଶେଠଜୀଙ୍କ କାନରେ ମଧ୍ୟ ଏ କଥା ପଡ଼ିଲା ତାଙ୍କର ଖୁସି ଲାଗେ ମୋଟେ । ମନେ ମନେ ସେ ଠିକ କରି ନେଲେ ତାହା କେବଳ ନାହାରର ପରିଶ୍ରମ ଓ ଚେଷ୍ଟାର ଫଳ । ସେହି ଦିନଠାରୁ ନାହାର ପ୍ରତି ଦୟାଳ ବାବୁଙ୍କର ସ୍ନେହ ଓ ବିଶ୍ୱାସ ବୃଦ୍ଧିଭୂତ ହେଲା ସେ ଭାବିଲେ ନାହାର ବାସ୍ତବିକ କର୍ତ୍ତବ୍ୟ ପରାୟଣ । ଦୟାଳଙ୍କର ଏ ଧାରଣା ସଂପୂର୍ଣ୍ଣ ଠିକ । ନାହାର କେଉଁ ଗୁଣରେ କମ୍ ନୁହେଁ । ଛବି ଆଙ୍କେ, ଗୀତ ଗାଏ, ହାରମୋନିଅମ ବଜାଏ ଏବଂ ନାଚେ ମଧ୍ୟ ଏହାଛଡ଼ା ସଭା ସମିତିରେ ଲମ୍ବା ଲମ୍ବା ବକ୍ତୃତା ମଧ୍ୟ ଦେଇ ପାରେ ।

ମାତ୍ର ଏ ସମସ୍ତ ଶେଠଜୀଙ୍କୁ ଜଣା ନାହିଁ । ତୁଳସୀ ଦୁଇପତ୍ରରୁ ବାସିଲା ପରି ନାହାର ଗୁଣ ଶେଠଜୀଙ୍କ ପରିବାରରେ ବଢ଼ି ଉଠିଲା । ଦିନୁଦିନ ଦୟାଳଦମ୍ପତ୍ତି ନାହାରକୁ ଅତି ଆଦରର କରିନେଲେ । ତାଠାରେ ହିଁ ସେମାନେ ଉପଲବ୍ଧି କରି ପାରିଲେ ପ୍ରକୃତ ବାତ୍ସଲ୍ୟ ପ୍ରେମ । ଆଶାଲତା ଓ ନାହାରରଞ୍ଜନ ଦୁଇଜଣଙ୍କ ଭିତରେ ସେମାନେ କିଛି ପ୍ରଭେଦ ଦେଖୁ ନ ଥିଲେ । ମିନତୀ ଦେବୀ ନାହାରକୁ ଆଶାଲତାଠାରୁ ମଧ୍ୟ ଅଧିକ ଭଲ ପାଇଲେ । ଏହାର କାରଣ ନାହାର କେବେ ହେଲେ ମାମିଙ୍କ କଥାକୁ ଅମାନ୍ୟ କରେ ନାହିଁ ।

ଦିନେ ରାତି ନଅଟା ପର୍ଯ୍ୟନ୍ତ ନାହାର ଅଫି ଘରୁ ଫେରିଲା ନାହିଁ । ସାଇକେଲ ଖଣ୍ଡିକ ଧରି ଛଅଟା ବେଳୁ କୁଆଡ଼େ ଯାଇଛି । ନାହାରର ବିଳମ୍ବ ଦେଖି ମିନତୀ ଦେବୀଙ୍କ ମନଟା ଗୋଳା ଘାଣ୍ଟି ହେଲା । ନୂଆ ଲୋକ । ପୁଣି ବମ୍ବେ ପରି ସହରରେ । ଏମିତି କେତେ କଅଣ ଭାବିଲେ । ଶେଠଜୀ ବି ଦୁଇଥର ଫୋନ କରିଥିଲେ । ମିନତୀଦେବୀ ଖୁବ ବ୍ୟସ୍ତ ନାହାର ପାଇଁ । କଅଣ କରିବେ ? କେଉଁଠାରେ ଏବେ ତାର ପତ୍ତା ମିଳିବ ?

ଡ୍ରାଇଭରକୁ ସେ ଆଦେଶ ଦେଲେ ମୋଟର ଧୀର ଯିବାକୁ। ଅକ୍ରମ୍ ଖାଁ। ଅଷ୍ଟିନ୍ କାର ଖଣ୍ଡିକ ଧରି ଚାଲିଲେ ନାଚଘର ଉଦ୍ଦେଶ୍ୟରେ କୌଣସି ଠାରେ ତାର ସମ୍ଭା ନାହିଁ। ଶୁଣିଲି ନାଇଟ୍‌କ୍ଲବରେ ସଙ୍ଗୀତ ପ୍ରତିଯୋଗିତା ହେଉଛି। ଛୁଟାଇଲା ମୋଟର ବେଣ୍ଟିକ ସ୍ଟ୍ରିଟରେ। ପଥପାର୍ଶ୍ୱକ ଭିତରେ ମଟର ଯାଇ ପହଞ୍ଚିଲା ପିଅନ୍‌କୁ ମୋଟର ପାଖରେ ରଖିଦେଇ ଅକ୍ରମ୍ ଖାଁ ଚାଲିଲେ ଉପରକୁ। ଭିତରେ ପଶୁ ପଶୁ ହଠାତ୍ ତାର ଆଖି ଜଣେ ଯୁବକଙ୍କ ଉପରେ ପଡ଼ିଲା। ବୟସ ଅନ୍ଦାଜ ବାଇଶ ହେବ। କୋଠରୀର କୋଣଟିଏ ଜଣକୁ ଖଣ୍ଡିଏ ଚୌକିରେ ବସିଅଛନ୍ତି। ଆଗରେ ଟେବୁଲ ଉପରେ ଥୁଆ ହୋଇଛି ଆଧୁନିକ ଧରଣର କେତୋଟି ବାଦ୍ୟଯନ୍ତ୍ର। ଯୁବକଟି କିଏ ହଠାତ୍ ସେ ଚିହ୍ନି ପାରିଲା ନାହିଁ, ମାତ୍ର ଯୁବକ ଜଣକ ଚଞ୍ଚଳ ଉଠି ପଡ଼ି ଡ୍ରାଇଭର ଆଡ଼କୁ ଧାଇଁ ଆସିଲେ।

ଡ୍ରାଇଭର କହି ଉଠିଲା, ଓହୋ ଜହାରବାବୁ। ଚଞ୍ଚଳ ଚାଲନ୍ତୁ। ମାମି ଭାରି ବ୍ୟସ୍ତ।

ଗୁଡ୍ ନାଇଟ୍ କହି ଜହାର ଚାଲିଲା ରୁମ ଭିତରୁ। ତର ତର ହୋଇ ଆସିଲା ବେଳେ ହଠାତ୍ ହାତରୁ ତାର ଖସି ପଡ଼ିଲା କଅଣ ଗୋଟାଏ ଜିନିଷ। ଅନ୍ଧାର ଯୋଗୁଁ କିଛି ଦିଶୁ ନଥାଏ।

ସାଙ୍ଗେ ସାଙ୍ଗେ ପିଅନ କହିଲା—ବାବୁ କଣ ଟା ପଡ଼ିଲା ଯେ ଅକ୍ରମ୍ ଖାଁ। ଟର୍ଚ୍ଚ ମାରି ଦେଖିଲେ ଗୋଟାଏ ପ୍ଲେଟ୍। ସେତେବେଳେ ଟର୍ଚ୍ଚର ଅସ୍ପଷ୍ଟ ଆଲୋକରେ ଜହାର ହାତରେ ଦିଶିଲା ଏକ ସ୍ୱର୍ଣ୍ଣପଦକ ଏବଂ ଗୋଟାଏ ସିଗାରେଟ୍ କେଶ ରୁପାରେ ତିଆରି। ସେ ଦୁହିଙ୍କର ଦାମ ସମ୍ବନ୍ଧରେ ପ୍ରଶ୍ନ ଉଠିବା ସଙ୍ଗେ ସଙ୍ଗେ ଜହାର କହିଲା—

"ଏ ଗୁଡ଼ାକ ପ୍ରାଇଜ୍। ଆଜି ସଙ୍ଗୀତ ପ୍ରତି ଯୋଗିତାରେ ମୁଁ ହୋଇଛି ଫାଷ୍ଟ!

ଯା ଭିତରେ ନୀହାର ଫ୍ରେଣ୍ଡସ୍ ମଜଲିସ୍‌ରେ Musical & Art Section ର ସେକ୍ରେଟେରୀ ହୋଇ ପଡ଼ିଥିଲା । ତେଣୁ ଅନେକ ସମୟରେ ତାହାଙ୍କ ପ୍ରାୟ ପ୍ରତିଦିନ ଛଅଟାରୁ ଆଠଟା ପର୍ଯ୍ୟନ୍ତ ସେଠାରେ କଟେ ।

ସୁରେଶ୍ୱର ବାବୁ ଓ ତାଙ୍କ ସ୍ତ୍ରୀ ଏ ପର୍ଯ୍ୟନ୍ତ ଖାଇ ନାହାନ୍ତି । ସମୟ ଅସି ଦଶଟା ଉପରେ । ବୈଠକ ଖାନାରେ ସେମାନେ ବସିଅଛନ୍ତି । ହାତରେ ଖଣ୍ଡିଏ ଇଂରାଜୀ ମାଗାଜିନ୍ ।

ହଠାତ୍ ପଛରୁ ନୀହାର ଆସିବାର ଦେଖି ଚମକି ପଡ଼ିଲେ । ନୀହାର ହାତରେ ବଂଶୀଟି ଦେଖି ତାର ଅଯଥା ସୌଜନ ପାଇଁ ସେ ବିବ୍ରତ ହୋଇପଡ଼ିଲେ । ପରମୁହୂର୍ତ୍ତରେ ନୀହାରକୁ ପ୍ରଶଂସା ନ କରି ସେ ରହି ପାରିଲେ ନାହିଁ । ଏ ଯେ ସଂଗୀତ କଳା ପ୍ରତି ଆଦର — ମନେ ମନେ ସେ ଭାବିଲେ । ଜୀବନରେ ସଂଗୀତ ବିଦ୍ୟା ଏକ ଉପାଦେୟ କଳା । ସୁରେଶ୍ୱର ବାବୁ ଅଳ୍ପ ସମୟ ପରେ ନୀହାରର ବିଳମ୍ବ ହେବାର କାରଣ ବୁଝି ପାରିଲେ । ନୀହାର ସାଙ୍ଗରେ ଆଣିଥିବା ସୁନେଲି ଫ୍ରେମ୍ ବନ୍ଧା ସର୍ଟିଫିକେଟ ଖଣ୍ଡିକ ପଢି ସୁରେଶ୍ୱର ବାବୁ ତାଙ୍କୁ ବହୁ ପ୍ରଶଂସା କଲେ ।

ନୀହାରରଞ୍ଜନ ଦାସ — ପ୍ରଥମ ପୁରସ୍କାର — ସଂଗୀତ ପ୍ରତିଯୋଗିତା, ଏକଥା ପଢ଼ି ମନେମନେ ସେମାନେ ଖୁସିଟାଏ ହେଲେ ।

ଭୋଜନ ପରେ ଟେବୁଲ କ୍ଲକ୍‌କୁ ଅନାଇ ଦେଖାଗଲା ସମୟ ବାରଟା । ନୀହାରର ମନରେ ଭାରି ଦୁଃଖ ଆସିଲା । ତା ପାଇଁ ବୃଦ୍ଧ ସମ ଦପୂଲ ବାବୁ ଓ ମିନତୀ ଦେବୀ ଏ ପର୍ଯ୍ୟନ୍ତ ଉପବାସ । କିନ୍ତୁ ଏକଥା ପାଇଁ ସେ ସେମାନଙ୍କ ଠାରୁ ତିରସ୍କାର ପାଇନି । ମିନତୀ ଦେବୀ ତାଙ୍କ ମାତୃ ସୁଲଭ ଗୁଣରେ ତାଙ୍କୁ ଦେଇଛନ୍ତି କ୍ଷମା ।

ଏହାପରେ ଆସିଲା ନୀହାର ମନରେ ବିରାଟ ପରିବର୍ତ୍ତନ । ଭୁଲିଯିବା

ସମୟଟା ବଦଳି ଗଲା । ଛଅଟାଠାରୁ ସାଢେ ଛଅଟା ପର୍ଯ୍ୟନ୍ତ ଅଧଘଣ୍ଟା ଏ
ଭଉଣୀ ଦୁଇଙ୍କୁ ସେ ଗୀତ ବାଦ୍ୟ ଶିଖାଇବାକୁ ଚେଷ୍ଟା କଲା । ଆସ
ଲତାର ଅସ୍ପଷ୍ଟ ସ୍ୱର ଫୁଟି ଗଲା । ଦୟାଲ ଦମ୍ପତ୍ତିଙ୍କ କାନରେ ଅମୃତ
ଢାଳିଦିଏ । ନିହାର ସେଥିରେ ପାଏ ଗର୍ବ ଓ ବାହାଦୁରୀ ।

ଏହିପରି ନୂତନ ଏକ ବନ୍ଧୁ ମେଳରେ ଦୟାଲ ବାବୁଙ୍କ ପ
ବାଉଟି ଅଚେଳ ଚାଲିଲା । ନିହାରର ନୂତନ ଉତ୍ସାହ ଓ ପ୍ରେରଣ
ପାଇ ବାଳିକା ଦୁଇଟି ବଢିବାକୁ ଲାଗିଲେ । ସେମାନେ ଦୈନନ୍ଦିନ
ଜୀବନରେ ନିହାର ପାଖରୁ ବହୁତ କଥା ଶିଖି ପାରିଲେ । ମେନକା
ଦେବୀ ନିହାରକୁ ଦେଖି ତାଙ୍କର ଶୂନ୍ୟ ଜୀବନର ପୁତ୍ରଶୋକ
ପାଶୋରି ଦେଲେ । ଦୟାଲବାବୁଙ୍କ କାର୍ଯ୍ୟମୟ ଜୀବନ ଟିକିଏ ଉଲ୍ଲାସ
ହୋଇ ପଡ଼ିଲା । ଅନେକ ସମୟରେ ନିହାର ବାବୁଙ୍କୁ କାର୍ଯ୍ୟ ତତ୍ତ୍ୱ
ବଧାନରେ ସାହାଯ୍ୟ କରେ ।

ବହୁଦିନ ପରେ ଘଣ୍ଟା ବମ୍ବେ ସହରର ଆଜି ଲୋକାରଣ୍ୟ ହୋଇପଡ଼ିଛି । ଗୁରୁଅଡ଼େ ଖାଲି ଲୋକଙ୍କର ମୁଣ୍ଡ । ମୋଟର ଘୋଡ଼ାଗାଡ଼ି ରିକ୍ସା, ଟ୍ୟାକ୍ସି ବାସ୍ ଛୁଟି ଚାଲିଛି ଅବିଶ୍ରାମ ଗତିରେ, ବିଶେଷ ରିକ୍ସାବାଲାଙ୍କ ମୁହଁରେ ଆଜି ବେଶ ଆନନ୍ଦ । ବେଶ ଦୁଇପଇସା ରୋଜଗାର ପନ୍ଥା ଆଜି ମିଳିଛି । ସାଧାରଣ ଭଡ଼ା ଯାଇ କିଛି ଅଧିକ ମିଳିଯିବ । ଖବର କାଗଜ ମାନଙ୍କରେ ବଡ଼ ବଡ଼ ଅକ୍ଷରରେ ଫ୍ରଣ୍ଟ ପେଜରେସ୍ଥାନପାଇଛି । All India Art Exhibition ସହରରେ ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି, କୋଟିପତି, ଲକ୍ଷପତି, ଅମଲା ଅଫିସର ନିମନ୍ତ୍ରିତ ହୋଇଅଛନ୍ତି । ଏହାଛଡ଼ା ପ୍ରଦେଶ ବାହାରୁ କେତେ ଲୋକ ମଧ୍ୟ ଆସି ଅଛନ୍ତି । ଟାଉନ ହଲରେ ସଜା ହୋଇଛି ଭିନ୍ନଭିନ୍ନ ସେକ୍ସନର ଆର୍ଟ । ପୁରସ୍କାର ବିତରଣ ଆରମ୍ଭ ହେଲା । ଜଣ ଜଣ ହୋଇ ଆସି ପୁରସ୍କାର ନେଲେ । ଗଭର୍ଣ୍ଣର ସାହେବ ପ୍ରତିଥର ହାତ ବଢ଼ାଇଦେବା ପରେ ଅସଂଖ୍ୟ କରତାଳି ଧ୍ୱନିରେ ଆକାଶ ଛୁଇଁ ପଡ଼ିଲା ପରି ଜଣାପଡ଼ିଲା । ସର୍ବଶେଷରେ ଲାଟସାହେବଙ୍କ ହାତରୁ ଗୋଲ୍ଡେନପାଇଁ ଦସ୍ତାଲ Award' ଦିଆଗଲା । ଜଣେ ଅପରିଚିତ ଯୁବକ ହ୍ୟାଣ୍ଡସେକ୍ କରି ଚାଲିଲେ ହାତରେ ଏକ ସ୍ୱର୍ଣ୍ଣ ପଦକ ଧରି । ସେହି ସମୟରେ ଜଣେ ଭଦ୍ର ବ୍ୟକ୍ତିଙ୍କ ମୁହଁରେ ଉଠିଲା ଟିକିଏ ମୃଦୁହସ । ତାହା ଦେଖି

ଲକ୍ଷ୍ୟ କରି ନାହାନ୍ତି । ଲକ୍ଷ୍ୟ କରିବାର ବି ଦରକାର ନାହିଁ । କିନ୍ତୁ
ଉମେଶ ସେତେବେଳେ ମାର୍କ କରି ନେଇଛନ୍ତି ସେତେବେଳେ । ଏସ ହେଉ
ଛନ୍ତି ନିଜର ପୁରସ୍କାର ପ୍ରାପ୍ତ ସୂଚକ ଚିହ୍ନ । ସେତେବେଳେ ତାଙ୍କର
ଅନ୍ତର ପୁଲକରେ ଦ୍ୱିଗୁଣିତ ହୋଇଛି । ଅବସ୍ଥାରେ କେତେ ଆଶା
ଓ ଆକାଂକ୍ଷା ନେଇ । ସବୁ ସବୁ ଭାବ ପୁନଶ୍ଚ ସଫଳ ହେଲା ।
ଦୁଇ ଦିନ ପରେ ଦୟାଲ ବାବୁଙ୍କ ଚେଷ୍ଟାରେ ସେ ଯାଇ ଆଠ ସ୍କୁଲ
ରେ ଭର୍ତ୍ତି ହେଲା । ଦୟାଲ ବାବୁ ସ୍କୁଲର ପ୍ରଧାନ ପୃଷ୍ଠପୋଷକ ।
କେଣ୍ଡୁ ସ୍କୁଲରେ ନାମ ଲେଖାଇବାରେ କିଛି ଅସୁବିଧା ହେଲା ନାହିଁ ।
ନିହାରର ମଧ୍ୟ ଶିକ୍ଷାବିଦ୍ୟା ପ୍ରତି ଆଗ୍ରହ ଖୁବ୍ ଥିଲା । ଇଚ୍ଛା ଅବସ୍ଥାରେ
ସେ ଜଣେ ଅଫିସର ହେବ । ଏହା ଆଗ୍ରହକୁ ଦ୍ୱିଗୁଣିତ କରି ଦେଇଛି
ଦୟାଲବାବୁଙ୍କ ଉତ୍ସାହନା ଓ ପ୍ରେରଣା । ବହୁଦିନ ପରେ ନିହାରର
ଜୀବନର ଗତି ବଦଳି ଯାଇଛି । ସେ ଆଜି ଜଣେ ସ୍କୁଲ ଛାତ୍ର । ଛାତ୍ରଜୀବନ
ର ମଧୁର ସଂସ୍ପର୍ଶ କେତେ ଦିନ ହେଲା ଛୁଟି ଯାଇଥିଲା । ଜୀବନଟା
ସବୁବେଳେ ଖାଲି ନୀରସ ବୋଧ ହେଉଥିଲା ବହୁଦିନ ପରେ ସେ
ଛାତ୍ର ମଧୁର ସ୍ମୃତିରୁ ଫେରି ପାଇଛି ସେଥିରେ ତାର
ବେଶୀ ଆନନ୍ଦ । ସେ ଯେଉଁ ଅବସ୍ଥାରେ ଉଚ୍ଚ ମାନମର୍ଯ୍ୟାଦା ଅଫିସ
ହେବ ଏଥିପାଇଁ ନୂଆ ପୁସ୍ତକ ଓ ନିହାରବାବୁ ଏକ ମୋଟରରେ
ବସି ଯାଆନ୍ତି ସ୍କୁଲକୁ । ଅଜାନା ଗାଁ । ଗୁରୁତ୍ୱ ପଥରୁ ପହଞ୍ଚି ଯାଏ
ସ୍କୁଲ ଫାଟକ ପାଖରେ । ଛୁଟି ହେବା ପରେ ପାଖ ହୁଦ ସ୍କୁଲରୁ
ପୁଣିକୁ ଧରି ନିହାର ଘରକୁ ଫେରେ । ଆଠ ସ୍କୁଲରେ ପଢିବା ଦିନ
ଠାରୁ ନିହାରର ଉଦାସୀନତା ଟିକିଏ ବଦଳି ଯାଇଛି । ହେବାର ସ୍ୱାଭାବି
କଥା । ସେଥିପାଇଁ ମଧ୍ୟ କିଛି ଅଭାବ ନାହିଁ । ଯାହା ଇଚ୍ଛା ବସ
ଲାଗିବା ମାତ୍ରେ ବଜାରରୁ କିଣା ହୋଇ ଆସେ । ଏ ଭିତରେ ନିହା
ଭୁଲିଯାଇଛି ତାର ଅତୀତ ସଂସାର । ମୁକ୍ତ ବିହଙ୍ଗମ ସମ ଉଡ଼ି ବୁଲି

ସେ ମୁକ୍ତ ଆକାଶରେ । ଜୀବନରେ ଯେପରି କିଛି ବାଧା ନାହିଁ । ଯାହାକି ତାର ଖୁସି ଜଗତକୁ ଧ୍ୱଂସ କରି ପାରିବ ।

ନିହାରର ପିଲା ଦିନୁ ଆର୍ଟ ପ୍ରତି ଭାରି ମମତା । କ୍ଲାସରେ ସେ ଏମେ ଖୁବ୍ ଭଲ କଲା । ଶିଶୁଦିନରେ ଉପଯୁକ୍ତ ପରିସ୍ଥିତି ଅଭାବରୁ ତାର କଳା କୌଶଳ ବାହାରକୁ ଫୁଟି ପାରି ନ ଥିଲା । ପେଣ୍ଟିଙ୍ଗ୍, ଫାଇନ୍‌ଆର୍ଟ, ଓ ସ୍କେଚ୍ ଡ୍ରଇଂ ସବୁଥିରେ ନିହାର ହୁଏ ଫାଷ୍ଟ । ଏଥିରେ ଅନ୍ୟମାନେ ତା ପ୍ରତି ହୁଅନ୍ତି ଈର୍ଷାନ୍ୱିତ । ମାତ୍ର ନିହାର ସେ ସବୁକୁ ନଜର ଦିଏନା । ଏଥିମଧ୍ୟରେ ଛାତ୍ର ମହଲରେ ନିହାର ବିଷୟ ନେଇ ବଡ଼ ଚାଞ୍ଚଲ୍ୟ ଖେଳିଗଲା । ଛାତ୍ର ସମାଜରେ ସେ ନିହାର ରୂପେ ପରିଚିତ ନୁହେଁ । ସମସ୍ତେ ତାକୁ କହନ୍ତି ନିହାରବାବୁ —The young Artist ବେଳେ ବେଳେ ଏ କଥା ନିହାରର କାନରେ ପଡ଼ିଯାଏ ସେ ସେଥିରେ ନିଏ ଗର୍ବ ! ନିଜ ପ୍ରଶଂସା ଶୁଣି ଛାତି ତାର ଫୁଲିଯାଏ ଗର୍ବରେ । ପ୍ରତିଦିନ କ୍ଲାସକୁ ପଶିବା ସଙ୍ଗେ ସଙ୍ଗେ ଗୁଡ୍‌ମର୍ଣ୍ଣିଙ୍ଗ୍ ଶବ୍ଦରେ କାନ ତାର ଅତଡ଼ା ପଡ଼ିଯାଏ । ତା ପ୍ରତି ସମସ୍ତ ଛାତ୍ରଙ୍କ ଥାଏ ବେଶ ସମ୍ମାନ ଏବଂ ଗୌରବ । କ୍ଲାସର ପ୍ରଥମ ପିଲା ସେ । ପ୍ରଫେସରଙ୍କ ଠାରୁ ଆରମ୍ଭ କରି ପ୍ରିନ୍‌ସିପାଲ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଚିହ୍ନିଗଲେଣି । Inter School Art competition ରେ ଗଭର୍ଣ୍ଣରଙ୍କ କପ୍ ପାଇଲା ଦିନଠାରୁ ସ୍କୁଲରେ ସେ ଖୁବ୍ ନାମ କରି ପାରିଛି ।

ଦ୍ୱିତୀୟବର୍ଷ ଆରମ୍ଭ ସଙ୍ଗେସଙ୍ଗେ ନିହାରର ମନରେ ସଂପୂର୍ଣ୍ଣ ପରିବର୍ତ୍ତନ ଆସି ପହଞ୍ଚିଗଲା । ସ୍କୁଲରେ ଅନେକ ସମୟରେ ସେ ଚିନ୍ତାମଗ୍ନହୋଇ ବସିରହେ । କାରଣଟା କିଛିଜଣା ପଡ଼େନା । ସାଙ୍ଗ ପିଲାମାନେ ଭାବନ୍ତି ନିହାର କିଛି ଗୋଟାଏ ନୂଆ ସ୍କିମ ଉଦ୍ଭାବନ ପାଇଁ ଚେଷ୍ଟା ଲଗାଇଛି କିନ୍ତୁ ଅସଲ କଥାଟା କାହାକୁ ଜଣାନାହିଁ ।

ଠିକ ଅଡ଼ମିସନ୍ ନେବାର ଦୁଇଦିନ ପରେ ହଠାତ୍ ଦିନେ ତାହାର ଆଖି ଦୁଇଟା ଅଲକ୍ଷିତ ଭାବରେ ମିଶିଗଲା ଦୁଇଟି ଢଳଢଳ ନୀଳ ମୁକ୍ତା ଆଖିରେ । ସେହି ଶୁଭଦୃଷ୍ଟି ମିଳନରେ ଜାତ ହେଲା ପ୍ରେମର ଭାଉଁସି କାଠି, ସେଥିରେ ନିହାର ପାଇଲା ସ୍ୱର୍ଗୀୟ ଜ୍ୟୋତି । ଯୋର ଯୋର କରି ତାର ଅମାନିଆ ଚକ୍ଷୁ ଦୁଇଟାକୁ ଟାଣିବାକୁ ସେ ଚେଷ୍ଟା କରନ୍ତି । କିନ୍ତୁ ପାରନି । ସେହି କାଉଁସୀ ସ୍ପର୍ଶରେ ହୃଦୟରେ ତାର ଖେଳି ବୁଲୁଛି ବିଦ୍ୟୁତ୍ ପ୍ରବାହ । ସ୍କୁଲକୁ ଯିବାରେ ଅବହେଳା ନାହିଁ ମାତ୍ର ଏବେ ଆଉ ତାକୁ ବିଶ୍ରାମ ମିଳେନାହିଁ । କ୍ଲାସକୁ ପହଞ୍ଚିବା ପାଇଁ ଗୋଟିକ ପରେ ଗୋଟିଏ ଅନୁରୋଧ ପହଞ୍ଚିଯାଏ ତା ପାଖରେ । ତାହା ସେ ଏଡ଼ି ପାରେନା । ଯୁଆ ଭିତରେ ପ୍ରତିମା ଦେବୀଙ୍କ ଚରଣ ମଧ୍ୟ ମନ୍ଦିରେ ମନ୍ଦିରେ ପଡ଼ିଯାଏ । ନିହାର ବାବୁ ତାହାଙ୍କ ସଙ୍ଗୀ ମାନଙ୍କ ଏହି ଆଦେଶରେ ବ୍ୟାପୃତ ନ ହୋଇ ବରଂ ସେଥିରୁ ପାଆନ୍ତି ଆନନ୍ଦ । ସେହି ଆନନ୍ଦ ସ୍ରୋତରେ ଫାଲଗୁ ଭଳି ଲୁଚିରହିଥାଏ ଭବିଷ୍ୟତର କେତେ ସୁଖଆଶା । ପ୍ରତିମାଦେବୀଙ୍କ ଖାତା ଖଣ୍ଡିକ ନେଲାବେଳେ ନିହାରର ହାତ ଥରି ଉଠେ, ତାହାକୁ ଦେଖିବା ଭଳି ଠିକିଏ ଲାଜ ଲାଜ ହୋଇ ସେ ଭଦ୍ରତା ଖାତିରରେ କହି ପକାନ୍ତି—ଥାଙ୍କ ୟୁ । ପ୍ରତିମାର ସୁଷ୍ମ କମନୀୟ ବାହୁରୁ ଖସି ପଡ଼େ ନୋଟ ଖଣ୍ଡିକ ନିହାର ହାତକୁ । ସେ ତାହାର ଯଥାସାଧ୍ୟ ଚେଷ୍ଟାକରି ପ୍ରଶ୍ନ ଓ ଉତ୍ତର ଗୁଡ଼ାକ ଆଗ ସଂଶୋଧନ କରେ । ସମୟ ସମୟରେ ସମସ୍ତର ଅଜ୍ଞାତ ଛଳନା କରି ନିହାର ନୋଟ ଖାତା ଖଣ୍ଡିକ ନେଇଯାଏ ଘରକୁ । କେତେକେତେ ଭାବନା ଆସି ପହଞ୍ଚିଯାଏ ତାର ମନରେ । ପର ମୁହୂର୍ତ୍ତରେ ଭାବେ ପ୍ରତିମା କଅଣ ସତେ ମୁହୂର୍ତ୍ତକ ପାଇଁ ତାର କଥା ଭାବୁଥିବ ? ତାକୁ ଅସମ୍ଭବ ଜଣାପଡ଼େ ଆଉ ମନଟାକୁ ତାର ଉଡ଼େଇ ନିଏ କେଉଁ ଦୂର ଦିଗ୍ ବଳୟରେ

ପରୀକ୍ଷା ନିକଟ ହେଲେ ନିହାରର ଆଉ ବିଶ୍ରାମ ନ ଥାଏ । ସାଧାରଣତଃ ସ୍କୁଲ ମହଲରେ ପାଠପଢ଼ାର ଦାୟିତ୍ୱ ଏବଂ ଗୁରୁତ୍ୱ, ମନେ ବିଚେଇ ଏବଂ ସ୍ୱପ୍ନର ତାତ୍ପର୍ଯ୍ୟ ପରୀକ୍ଷା ସମୟରେ ବିଶେଷ ଭାବରେ ଅନୁଭୂତ ହୋଇଥାଏ । ସେହି ସମୟରେ ସେମାନେ ଉପଲବ୍ଧି କରି ପାରନ୍ତି, ପାଠ ପଢ଼ିବା କେତେ କଷ୍ଟ । ପରୀକ୍ଷା କ୍ରମେ ନିକଟ ହୋଇ ଆସିଲା । ସେଟକେଣ୍ଡ ଟର୍ମ ପରୀକ୍ଷା ପାଇଁ ଖାତା ଗୁଡ଼ିକ ସାତଦିନ ଭିତରେ ପୂର୍ଣ୍ଣ କରି ପ୍ରଫେସରଙ୍କ ପାଖରେ ଦାଖଲ କରିବା କଥା । ତେଣୁ ସମସ୍ତଙ୍କ ପରଶ୍ରମର ଭାର ପଡ଼ିଲା ନିହାର ଉପରେ । ତାର ଆଉ ତର ରହିଲା ନାହିଁ । କେତେ ସିଗାରେଟ ଅଫ୍‌ର ଅପୂର୍ଣ୍ଣ କିଏ କହୁଛି,—

"ମୋର ପାଳି ଭାଲ୍ ପଡ଼ିଛି । ଡିସ୍‌ଟର କଟେଜ୍ ପାଇଁ ମୁଁ ମୁଇଣ୍ଟ ଟିକେଟ ଅଡ଼୍‌ଭାନ୍ସ ବୁକ୍ କରି ରଖିଛି । ମୋର ଡ୍ରଇଂ ଗୁଡ଼ିକ ଚଞ୍ଚଳ ହେବା ଦରକାର, କିନ୍ତୁ ବିଚାର ପ୍ରତିମା ଏଥିରେ ବଡ଼ ହରଷଣରେ ପଡ଼ିଲା । ତାର ଡ୍ରଇଂ ଗୁଡ଼ାକ ପୂର୍ଣ୍ଣ ହେବାର ତ ଦୂରର କଥା ଅଧା ଅଧି ମଧ୍ୟ ହୋଇ ନ ଥିଲା । ଅନେକ ସମୟରେ ନିହାର ପାଖକୁ ଯାଇ ଅନୁରୋଧ କରିବାକୁ ଭାବେ । ପର ମୁହୂର୍ତ୍ତରେ ସାହସ ଭାଙ୍ଗିପଡ଼େ ।

ଖରାଦିନ ଦୁ ପହର । ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣ ସବୁଆଡ଼େ ଅଗ୍ନି ବର୍ଷା କରି ଦେଉଛନ୍ତି । ସୂର୍ଯ୍ୟଙ୍କର ତେଜ ଟିକିଏ କମିଯିବା ପରେ ନିହାର ତା'ର ପଢ଼ାଘର ଝରକାଟି ଖୋଲିଦେଇ ଆରାମରେ ବସିଛି । ଚାକର ଟୋକା ଆସି ଖବର ଦେଲା; —

—ବାବୁ ଆପଣଙ୍କୁ କିଏ ଜଣେ ଡାକୁଛି ।

ବାବୁ କହିଲେ —ଚଞ୍ଚଳ ତାଙ୍କୁ ଭିତରକୁ ଡାକି ଦେଇନୁ କିଏ, ଲୋକଟି ବାବୁଙ୍କ ହାତକୁ ନେଳା ଲଫାଫାଟି ବଢ଼େଇ ଦେଇ ଚାହିଁ

ରହିଲା । ନିହାର ବାବୁ ଅସ୍ଥିର ହୋଇ ଚିଠିଟା ଖୋଲି ପଢ଼ିଲେ ।

ଗୋଖଲେ ଷ୍ଟ୍ରିଟ ନମ୍ବର ୫୩
ପ୍ରମୋଦ କୁଟୀର

ପ୍ରିୟ ନିହାର ବାବୁ !

ଚିଠିଟା ପାଇ ଚମକି ପଡ଼ିବେ ନାହିଁ । ଆପଣଙ୍କୁ ଦେଖିଲା ଦିନୁ କାହିଁକି ଅନ୍ତରର ସ୍ନେହ ଟିକିକ ଆପଣଙ୍କ ପାଖରେ ଲାଖିରହିଛି । କାରଣ କଅଣ ମୁଁ ବୁଝି ପାରେନା ବୁଝିବାକୁ ମଧ୍ୟ ଚେଷ୍ଟା କରେନା ଆପଣଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିବାକୁ ଚେଷ୍ଟାକରେ ଏବଂ କରିଛି ମଧ୍ୟ ଅନେକ ଦିନ, କିନ୍ତୁ ମନର କଥା ମନରେ ରହେ । ଶତ ଚେଷ୍ଟା କଲେ ମଧ୍ୟ ସାହସ ହୁଏ ନାହିଁ । ଝିଅ ଜାତିକୁ ସେଇ କଥା । ଆଜି ଆପଣଙ୍କୁ ମୋପାଇଁ ସାମାନ୍ୟ କଷ୍ଟ ସହିବାକୁ ପଡ଼ିବ । ନୋଟ୍ ଖଣ୍ଡିକ ପଠାଇଲି । ଦୟା କରି ମୁଣ୍ଡି ଭରିଦେଲେ ଉପକୃତ ହୁଅନ୍ତି ।

କିଛି ଭାବିବେ ନାହିଁ—ମୋର ଆଶା ।

ସ୍ନେହର
ପ୍ରତିମା

ଚିଠିଟା ପଢ଼ି ନିହାର ଦେହରେ ଏକ ଚମକ ଖେଳିଗଲା । କୋଣସିପ୍ରକାରେ ରାତି ଭିତରେ ଡ୍ରଇଂ ଗୁଡ଼ାକ ଶେଷ କରି ଦେବା ପାଇଁ ଚେଷ୍ଟା କଲା ।

ସେହି ଦିନଠାରୁ ତାଙ୍କର ପ୍ରେମ ବୀଜ ଅଙ୍କୁରିତ ହେଲା । ମନେମନେ ଗଢ଼ି ବସିଲେ ସେ ଭବିଷ୍ୟତର କେତେ ଆଶା-ସୌଧ ତହିଁ ପରଦିନ ସ୍କୁଲରେ ପ୍ରତିମା ତାହାର ଖାତା ଖଣ୍ଡିକ ଫେରି ପାଇଲା । ଡ୍ରଇଂ ଗୁଡ଼ିକ ଖୁବ ହୋଇ ଥିବାର ଦେଖି ମନ ତାର ବେଶ ଖୁସି । ସଙ୍ଗେ ସଙ୍ଗେ ନିହାର ପ୍ରତି କେତେ କୃତଜ୍ଞତା ଜାଗି ଉଠିଲା । ସେହିଦିନଠାରୁ ସେ ଠିକ କରି ନେଲା ନିହାରକୁ ସେ

ଅନ୍ତର ଖୋଲି ଭଲ ପାଇବ । ନିହାର ଯେ ଜଣେ ଅଟିଷ୍ଟ । ପ୍ରତିମା ହିଁ ତାଙ୍କୁ ଜୀବନରେ ପ୍ରକୃତ ସାହାଯ୍ୟ ଓ ସହାନୁଭୂତି ଦେଇ ପାରିବ ଜଣେ ଅଟିଷ୍ଟ ହିସାବରେ । କିନ୍ତୁ ଏ ନିଷ୍ପତ୍ତି ଯେ କେତେ ଗମ୍ଭୀର୍ । ତାର ଭାବନା ଅନୁଯାୟୀ ତାହା ଏତେ ସରଳ ଓ ସହଜ ସାଧ୍ୟ ନୁହେଁ ଏଥିପାଇଁ ସେମାନଙ୍କୁ କେତେ ଲାଞ୍ଛନା, ଅପମାନ, ଅପବାଦ ଓ ସମାଜ କଟାକ୍ଷର ସମ୍ମୁଖୀନ ହେବାକୁ ପଡ଼ିବ । ଜୀବନରେ କେତେ ଝଞ୍ଜା, ବତାସ ଅତିକ୍ରମ କରିବାକୁ ପଡ଼ିବ ତାଙ୍କୁ । ଏ ସମସ୍ତପାଇଁ ନିହାର ପ୍ରସ୍ତୁତ କି ନା ?

ପ୍ରତିମା ଆଶା କରିଥିଲା ତାର ଚିଠିର ପ୍ରତ୍ୟୁତ୍ତର । ଚାତକ ପରି ଅନାଇ ରହିଥିଲା ସେ ନିହାର ପାଖରୁ ମଧୁର ଉତ୍ତର ପାଇବ ବୋଲି । ଉତ୍ତର ସେ ପାଇଲା ନି । ତା ବଦଳରେ କିନ୍ତୁ ତାଙ୍କୁ ମିଳିଲା ମଧୁର ମୃଦୁହସର ଚିହ୍ନ । ସେତିକିରେ ସେ ସନ୍ତୁଷ୍ଟ ନୁହେଁ । ସେ ଚାହେଁ ନିହାର ଠାରୁ ଅଧିକ କିଛି ବଡ ଜିନିଷ । ଯାହା ତାର ଜୀବନରେ ଆଣି ପାରିବ ଚିର ଶାନ୍ତି ଏବଂ ତାଙ୍କୁ ଦେଇ ପାରିବ ସୁଖ ମଧୁ ସରସ ଜୀବନର ମଧୁର ସନ୍ଧାନ ।

ପ୍ରତିମାର ମନର ଆବେଗ ଆଉ ଲୁଚି ରହିଲା ନାହିଁ । ମନ ଖୋଲି ଅନ୍ତରର କଥାଗୁଡିକ ପୁଣି ସେ ଲେଖିବସିଲା ନିହାରପାଖକୁ

ପ୍ରମୋଦ କୁଟୀର

ପ୍ରିୟ ନିହାର ବାବୁ

ଆଶା କରିଥିଲି ଆପଣଙ୍କ ହାତ ଲେଖା ଚିଠିଖଣ୍ଡିଏ ପାଇବି ବୋଲି । ଶୁଭଙ୍କରଠାରୁ ସମସ୍ତ କଥା ଶୁଣିଲି । କାହିଁକି ମନ ମାନିଲା ନାହିଁ । ଆପଣଙ୍କ ପରିଶ୍ରମ ପାଇଁ ମୁଁ ଚିର କୃତଜ୍ଞ । ମନ ନଦେଇ ହତାଶ କରିବେ ନାହିଁ । ଆଉ ଅଧିକ କଅଣ ଲେଖିବି । ଇତି ।

ସ୍ନେହର ପ୍ରତିମା

ନିହାର ଅଖି ଚିଠିର ଶେଷ ଧାଡ଼ିଟା ଉପରେ ବିଶେଷ ଭାବରେ ପଡ଼ିଲା । ବହୁ ଦିନରୁ ଚିଠି ଦେବ ଦେବ ବୋଲିଭାବୁଥିଲା— ହେଲେ ତାର ସାହସ ଭାଙ୍ଗି ଭାଙ୍ଗି ପଡ଼ୁଥିଲା । ମାତ୍ର ଆଜି ପ୍ରତିମାର ଅନୁରୋଧ ସେ ଏଡ଼ି ପାରିବ ନାହିଁ । ଛୁଟିର ଭିତରୁ ରାଇଟିଙ୍ଗ ପେଡ଼ଟା ବାହାର କରି ସେ କେବଳ ଲେଖିବସିଲା ଚିଠି । ବହୁ ଦିନର ଆଶା ଓ ଅନୁରାଗ ଖୋଲି ଦେବା ପାଇଁ କଲମ ମୁନ ତାର ଯେତେଥର କୁହେଁ ଦୁଇଥର ଲେଖି କାଗଜ ଖଣ୍ଡିକ ଛିଣ୍ଡାଇପକାଉଛି । ଉତ୍ତ୍ମା—ଚିଠିର ପ୍ରତ୍ୟେକ ଲାଇନରେ ସେ ଫୁଟାଇବ ଅର୍ଥ । ସେ ନିଜେ ଅଟିସ୍ମ ନା । ଚିଠି ଲେଖି ଖଣ୍ଡିଏ ଧଳା ଖୋଲ ଭିତରେ ପୂରାଇ ଚିଠିଟା ଗୁଞ୍ଜି ଦେଲା ପ୍ରତିମାର ଖାତାରେ । ସେ ଦିନ ନିହାର ହୃଦୟରେ ନୂତନ ଆନନ୍ଦର ଢେଉ ଖେଳି ଉଠୁଥାଏ । ଅନ୍ୟଦିନ ପରି ପ୍ରତିମା ହାତକୁ ନୋଟ ବୁକ୍‌ଟି ବଢାଇ ଦେବା ପୂର୍ବରୁ ଆଜି ମନରେ ସେ ଅନେକ ଭାବିଥିଲା ନିହାରର ଏ ନୂତନ ଭାବ ର କାରଣ କଅଣ ପ୍ରତିମା ମଧ୍ୟ ଠିକ କରି ପାରିନି ।

ଅନ୍ୟଦିନ କ୍ଲାସକୁ ଆସିବା ମାତ୍ରେ ସେ ଖାତା ଖଣ୍ଡିକ ପାଇ ଯାଏ । କିନ୍ତୁ ଆଜି ନିହାର ତାଙ୍କୁ ସଂକୋଚିତ ମନରେ ଖାତାଟି ବଢାଇଦେଇଛି । ଏହିପରି ନାନାକଥା ଭାବି ପ୍ରତିମା ସାବଧାନତାସହ ନୋଟବୁକଟି ଖୋଲିଲା ହଠାତ୍ ଲଫାଫାଟି ଦେଖି ମନରେ ପୁଲକିତ ହୋଇ ଉଠିଲା । ଚିଠିଟା ବ୍ୟାଗ ଭିତରେ ରଖି ଦେଇ ନିଜ କାମରେ ଲାଗିଗଲା । କହିଲେ କୌତୂହଳରେ ତାର ଇଚ୍ଛା ନାହିଁ । ଏକମାତ୍ର ଚିନ୍ତା—ଛୁଟି ପରେ ଘରକୁ କିପରି ପଳାଇବ । ଦେହ ଖରାପର ବାହାନା କରି ପଳାଇ ଯିବନ୍ତ ମା ଘରେ ଶଙ୍କିତ ହେବେ । ଏହିପରି ଦୋଦୋପାଞ୍ଚ ହୋଇ ସ୍କୁଲରେ ବସି ରହିଲା । ଛୁଟିପରେ ଯାଇ ଦେଖେତ ଗେଟ ପାଖରେ ସେ ଦାଗାଞ୍ଜି ହାଜର । ସଙ୍ଗେ

ସଙ୍ଗେ ଅର୍ଦ୍ଧରାତ୍ରର ଭନାଗ୍ରାମ ପୂର୍ବ ଗାଡ଼ି ଚଲାଅ । ଆଜି ଭ୍ରମଣେର
— । ନିର୍ବୋଧ ଭନ୍ନ ଅବା ଏହାର ମର୍ମ ବୁଝିବ କିଏ ? ପ୍ରତିମା
ଗାଡ଼ିରେ ବସିଲା । ଦୁଇ ଘୋଡ଼ାଙ୍କ ଉପରେ ଯୋର ଦୁଇଗୁରୁକ
ଦେଇ ଭନାଗ୍ରାମ ଗାଡ଼ି ଛୁଟାଇ ଦେଲା । ପବନ ବେଗରେ ଗାଡ଼ି
ଚଳିଲା । ଗାଡ଼ିରୁ ଓହ୍ଲାଇ ପ୍ରତିମା ପଢ଼ାଘର ଆଡ଼େ ଦାଣ୍ଡେଇଲା ।
ରାଗା ଖୋଲି ତରତର ହୋଇ ସ୍ୱୀଟେସ ଚିଠିଟା ଉପରେ ଆଖି
ବୁଲାଇ ନେଲା । ଅତଥରେ ପଢ଼ିଲା । କାହିଁକି ମନ ମାନିଲା ନାହିଁ ।
ଦୁଇ ଗୁଣଥର ପଢ଼ି ଚିଠିଟା ସୁଟକେଶରେ ବନ୍ଦ କରି ରଖିଦେଲା ।
ମନେ ମନେ ଭାବିଲା ନିହାର ବାବୁ ପ୍ରକୃତ ଆର୍ଟିଷ୍ଟ । ଲେଖା ର ପ୍ରତି
ଧାଡ଼ିରେ ଫୁଟି ଉଠିଛି ଆର୍ଟ । ଅକ୍ଷର ଗୁଡ଼ିକ ମୁକ୍ତାନିନ୍ଦୀ ଭାବଧାରା
ପ୍ୟ ବଡ଼ ଉଚ୍ଚ କୋଟିର । ପର ମୁହୂର୍ତ୍ତରେ ହାତ ଘଣ୍ଟାକୁ ଅନାଇ
ଦେଖେଗଲ ସମସ୍ତ ଛଅଟା ଉପରେ । ନିତ୍ୟ କର୍ମ ଶେଷ ନ କରି ଚିଠି
ପଢ଼ିବାରେ ବ୍ୟସ୍ତ ହୋଇ ପଡ଼ିଛି ସେ । ସନ୍ଧ୍ୟା ହୋଇ ଯାଇ ଥିବାରୁ
ଆଲୁଅଟି ଲଗାଇ ବସି ପଡ଼ିଲା ନିଜ ପଢ଼ାରେ । ଆଲମାରୀରୁ ଅଣି-
ବା Suggestion for Fine Arts ବହି ଖଣ୍ଡିକ ଖୋଲିପକାଇ
ଗଲା ପୃଷ୍ଠା ଓଲଟାଇବାରେ । ମାତ୍ର କୌଣସିଥିରେ ମନ ଲାଗିଲା
ହିଁ ସଙ୍ଗେ ସଙ୍ଗେ ଚିଠିର ଉତ୍ତରଲେଖିବାକୁ ଇଚ୍ଛାହେଲା । ମାତ୍ର
ହଟାପଡ଼ିଲେଯାଇଚଳେ । ଅନ୍ତତଃ ଓଭର ଲୁକ୍‌ଟାଏ ହୋଇନଥିଲେ
ଓଅକୁଆରେ ପଡ଼ିବାକୁ ହେବ । ବହିଟା ଉପୁକର ଅଣିବାର ଦୁଇ
ପ୍ରାହ ହୋଇ ଗଲାଣି । ବହିଟାର ପୁଣି ତମାଣ୍ଡ ବେଶୀ । ଏହାପର
ନା ଭାବନାରେ ପ୍ରତିମା ମନଟା ଗୁମ୍ ମାରି ବସିଲା । ଚୌକିଟାରେ
ଦି ଗାଲ ଅନାଇ ରହିଛି ଚିନ୍ତାଶୂନ୍ୟ ହୋଇ

ଏବେ ନିହାର ଚିଠିର ଉତ୍ତରକୁ ପାଇବ ବୋଲି ଗୁହିଁ
ସିଛି । ମନଟୀରେ ତାହାର ଶିହରଣ ଖେଳି ଯାଉଛି ଅଦରର

ପ୍ରତିମାର ହାତ ଲେଖା ଚିଠି ଖଣ୍ଡିକ ମିଳିବ ଭାବି । ସ୍କୁଲକୁ ଆସି ହତାଶ ହୋଇ ପଡ଼ିଲା । କ୍ଲାସରେ ଦେଖେ ପ୍ରତିମା ଅନୁପସ୍ଥିତ । ପ୍ରତିମା ଛୁଟିନେଇ ଘରେ ରହୁଛି । ନିହାର ମନ ନୈରାଶ୍ୟ ପୂର୍ଣ୍ଣ ହୋଇ ପଡ଼ିଲା । ସୁଖର ଆଶା ତାର କୁଆଡ଼େ ମଉଳି ଗଲା ।

ଦୁଇଦିନ ପରେ ଯେତେବେଳେ ପୁଣି କ୍ଲାସରେ ଦେଖାହୁଏ ପ୍ରତିମା ଲକ୍ଷ୍ୟ କରି ନେଲା—ନିହାର ଖୁବ୍ ଗମ୍ଭୀର ହୋଇ ପଡ଼ିଛି । ବୁଝି ପାରିଲାନାହିଁ କାରଣଟା କଅଣ ଛୁଟି ହେଲା । ନିହାର କାରରେ ବସି ଚାଲିଲା ସିଧା ଘରକୁ, ସେଦିନ ବୁଲିଯିବା ପ୍ରୋଗ୍ରାମ ବନ୍ଦ ରହିଲା ସନ୍ଧ୍ୟା ନ ହେଉଣୁ, ପଢ଼ାଘରର ସୁଇଚ ଟିପିଦେଇ ନିହାର ବସିଗଲା ପାଠପଢ଼ାରେ ପଢ଼ିବାକୁ ମନ ନାହିଁ । ଉପରକୁ ଜଣାପଡ଼ୁଛି ଯେପରି ସୋଫାରେ ସେ ଖୁବ୍ ଜୋର ପଢ଼ାଟା ଆଜି ଆରମ୍ଭ କରି ଦେଇଛି । writing padବାହାର କରି ଲେଖିବସିଲା ଖଣ୍ଡିଏ ଚିଠି ।

ଦୟାଲ୍ ବିଲ୍ଡିଂ ନମ୍ବର ୨

ସ୍ନେହର ପ୍ରତିମା,

ଭାବି ନଥିଲି ତୁମେ ଏତେ ଦୁଷ୍ଟ ହେବ ବୋଲି । ଆଶାଦେଇ ମଣିଷକୁ ନିରାଶ କରିଦିଅ । ତୁମେ ମାଇପି ଜାତିଟା ଏମିତି । ... ... ... କଅଣ ଗୁଡ଼ାଏ ବାଜେରେ ଲେଖି ପକାଇଲି । କିନ୍ତୁ ଭାବିବ ନାହିଁ ତୁମକଣ ପ୍ରତିମା ତୁମକୁ ଅନ୍ତର ସହିତ ମୁଁ ଭଲପାଏ । ଏହି ଭଲ ପାଇବାଟା ଶିଖିଛି ମୁଁ ତୁମଠାରୁ । ଆଗରୁ କଦାପି ନୁହେଁ । ଏଇ କେତେଦିନ ତୁମ ସାଙ୍ଗରେ ମୋର ପରିଚୟ ହେବା ଦିନଠୁ ।

କ୍ଲାସରେ ତୁମକୁ ନ ଦେଖିଲେ ମୋର ମନେହୁଏ ସତେ ଯେମିତି କିଛି ନା କିଛି ମୁଁ ହରାଇ ବସିଛି । ଅନ୍ତତଃ କେତେକ ଅଣ-କରି ଭାବିବ ନା । ଇତି ।

ତୁମର ଅଧମ ବନ୍ଧୁ

ଚିଠି ଲେଖା ଶେଷ କରି ନିହାର ବଢ଼ାଇ ଦେଲା ଅଜମ ଖାଁ ହାତକୁ । ନିର୍ଦେଶ ଦେଲା ନୋଟ ବୁକ୍ ଏବ ବାକ୍ସଟା ପ୍ରତିମା ଘରେ ଦେଇ ଆସିବାକୁ । ଅଜମ୍ ଖାଁ ଜାଣେ ନା ଏ ଭିତର ରହସ୍ୟ କିନ୍ତୁ ନିହାରର ଅଜମ ଖାଁ ଉପରେ ଭାରି ବିଶ୍ୱାସ । 'ଠେଣ୍' ଆଜି ଏ ଗୁପ୍ତଦାୟିତ୍ୱ ଲଦି ଦିଆ ଗଲା ତାର ଉପରେ । କଭର୍ ଉପରେ ଠିକଣାଟା ଲେଖା ହୋଇଥିବାରୁ ଅଜମଙ୍କୁ ବେଶୀ ହଇରାଣ ହେବାକୁ ପଡ଼ିଲା ନାହିଁ । ପ୍ରତିମା ଘରେ ପହଞ୍ଚି ଡ୍ରାଇଭର ଅତି ଭଦ୍ରତା ସହିତ ଚିଠିଟା ପ୍ରତିମା ହାତକୁ ବଢ଼ାଇଦେଲା ଅଳ୍ପ ହସି ଦେଇ ସେ କହିଲା ଧନ୍ୟବାଦ । ତର ତର ହୋଇ ପ୍ରତିମା ଚିଠିଟା ପଢ଼ିବାରେ ଲାଗିଲା । ଅଜମ୍ ଖାଁ ଲକ୍ଷ୍ୟ କରି ନେଲା ପ୍ରତିମା ମୁହଁରେ ଏକ ନୂଆ ଭାବ ଖେଳି ଯାଉଛି । ହସ ପରିବର୍ତ୍ତେ ଦେଖାଯାଉଛି ଚିନ୍ତା ଓ ଅନୁଶୋଚନା ର ଚିହ୍ନ । ଅତି ନିବିଡ଼ ଚିତ୍ତରେ ମନପ୍ରାଣ ଲଗାଇ ପ୍ରତିମା ଚିଠି ପଢ଼ିବାରେ ବ୍ୟସ୍ତ । ଅଜମ୍ ଖାଁ ପ୍ରତି ତା'ର ଲକ୍ଷ୍ୟ ନାହିଁ ଅଳ୍ପ ସମୟ ପରେ ମୁଣ୍ଡ ଟେକି ଉପରକୁ ଦେଖେତ ଡ୍ରାଇଭର ସମ୍ମୁଖରେ ଛିଡ଼ା ହୋଇଛି । ହଠାତ୍ ପଚାରିଲା ତୁମେ ଏପରି ଠିଆ ହୋଇ ରହିଲ ଯେ—

ଉତ୍ତର ଆସିଲା ନିରୁ ବାବୁ କହିଛନ୍ତି ବର୍ତ୍ତମାନ ଉ... ... ...

ପ୍ରତିମା ବୁଝି ପାରିଲା ତାର ଉଦ୍ଦେଶ୍ୟଟା କ'ଣ । ସନ୍ଧ୍ୟାବେଳେ ଗୁଣ୍ଡିକର ହାତରେ ଚିଠି ପଠାଇବାର ନିର୍ଭର ଜବାବ ଦେଇ ଲୋକଟିକୁ ବିଦାୟ ଦେଲା । ଅଜମ୍ ଖାଁ ଫେରିଲା ଦୁଃଖ ମନରେ, କାମଟା ଯେ ସେ ହାସଲ କରି ପାରିଲା ନାହିଁ ଏଥିପାଇଁ ମନରେ ତାର ଦୁଃଖ । ନିହାର କିନ୍ତୁ ସମସ୍ତ କଥାଯ ବୁଝି ପାରିଲା ଅଜମ ପାଖରୁ ବହୁତ ଆଶାରେ ସେ ନିର୍ଦ୍ଧାରିତ ସମୟକୁ ଅପେକ୍ଷା କରି ବସିଲା । ଠିକ୍ ସନ୍ଧ୍ୟା ସମୟରେ ପ୍ରତିମାର ଗୁଣ୍ଡିଚ ଦେଇଗଲା ଖଣ୍ଡେ ଲଫାଫା । ଲେଖାଅଛି—

ପ୍ରମୋଦକୁଟୀର

ସ୍ନେହର ନିହାର ବାବୁ !

ଏବେ ଆଉ ଚିଠି ଲେଖିବାକୁ ମନ ଲାଗୁନି ଚିଠି ଲେଖିବାର ଅର୍ଥ ଆଉ କିଛି ନୁହେଁ—ଅନ୍ତରର ବେଦନାଟିକୁ କ୍ରମେ ଗୁରୁରୁ ଗୁରୁତର କରିବା ଛଡ଼ା । କାଗଜରେ ସ୍ଥାନ ନାହିଁ, କଲମ ମୁନରେ ଶକ୍ତି ନାହିଁ । ମୋର ଅନ୍ତର କଥା ପ୍ରକାଶ କରିବାକୁ । ଏତିକିରୁ ସମସ୍ତ କଥା ବୁଝି ପାରିବେ । ମା କାହ୍ନୁଙ୍କ ଆପଣଙ୍କ ବିଷୟ ବରାବର ପଚାରନ୍ତି । କହନ୍ତି କାଲି ସ୍କୁଲପରେ ଆପଣଙ୍କୁ ଡାକି ଆଣିବାକୁ ଏଥିରେ ରାଜି ହେବେ ବୋଲି ମୋର ଆଶା । ଇତି ।

ଅଭାଗିନୀ

ଏହି ଚିଠି ଖଣ୍ଡିକ ପାଇ ନିହାରର ଆଶା ପାରିଜାତ ଫୁଟିଉଠିଲା ସମସ୍ତ ଚିଠିର ଉତ୍ତର ଯେପରି ତାକୁ ଏହି ଖଣ୍ଡିକରେ ମିଳିଯାଇଛି । ମନରେ ତାର ଖେଳିଗଲା ଅତୀତ ଓ ଭବିଷ୍ୟତର କେତେ ସୁଖ ସ୍ୱପ୍ନ ମନେ ମନେ ଠିକ୍ କରି ନେଲା ଏପରି ସୁବର୍ଣ୍ଣ ସୁଯୋଗ ହରାଇବାର ନୁହେଁ । ପ୍ରତିମାର ନିମନ୍ତ୍ରଣ ସେ ଅକୁଣ୍ଠିତଚିତ୍ତରେ ଗ୍ରହଣକରିନେଲା

ସ୍କୁଲ ଛୁଟୀ ନ ହେଉଣୁ ଅଜିମ୍ ଖାଁ ଆସି ଫାଟକ ପାଖରେ ହାଜର । ପ୍ରତିମା ଏବଂ ନିହାର ବସିଲେ ପଛ ସିଟରେ । ଡ୍ରାଇଭର ହର୍ଣ୍ଣ ଦେଇ ଛୁଟାଇଲା ମୋଟର । ଘଣ୍ଟାକରେ ସେମାନେ ପହଞ୍ଚିଗଲେ ପ୍ରମୋଦ କୁଟୀରରେ । ଇଙ୍ଗିତ କ୍ରମେ ଡ୍ରାଇଭର ଫେରିଲା । ନିହାର ଏବଂ ପ୍ରତିମା ଚାଲିଗଲେ ରୁମ୍ ଭିତରକୁ । ପ୍ରତିମା ଆଗ୍ରହରେ ନିହାରକୁ ତାର ପଢ଼ାଘରକୁ ନେଇ ଚାଲିଲା । କୋଠରୀଟି ଖୁବ୍ ଭଲ ଭାବରେ ସଜା ହୋଇଛି ସମସ୍ତ ଜିନିଷ ପତ୍ର ସୁସଜ୍ଜିତ ହୋଇଥିବାର ଅନୁମିତ ହେଉଥିଲା । ନିହାର ଠିକ କରି ନେଲା ବନ୍ଧୁଙ୍କ ଆଗମନ ଉପଲକ୍ଷ୍ୟରେ ଏ ସବୁ ପ୍ରତିମାର ଅଭିନବ ଚେଷ୍ଟା । ପ୍ରତିମାର ଚେଷ୍ଟାରେ

ଟ୍ୟୁନଟାକୁ ପସନ୍ଦ ନ କରି ସେ ରହି ପାରିଲା ନାହିଁ ।

ସଙ୍ଗେ ସଙ୍ଗେ ପାର୍ଟିରୁ ତାର ବାହାବା ପଡ଼ିଲା । ବାସ୍ତବିକ ପ୍ରତିମା କଳାପ୍ରିୟ ତୁମର କି ଚମତ୍କାର ଅଧର ।

ନିଜର ପ୍ରଶଂସା ଶୁଣି ପ୍ରତିମା ବିବ୍ରତ ହୋଇ ପଡ଼ିଲା । ନିହାର ବାବୁଙ୍କ ପରି ଆର୍ଟିଷ୍ଟ ମୁହଁରୁ ଏପରି ପ୍ରଶଂସା ବାହାରିବା ସହଜ କଥା ନୁହେଁ ତେବେ କଅଣ ନିହାର ବାବୁ କଥାଚ୍ଛଳରେ ଏପରି କହି ପକାଇଲେ । ପ୍ରତିମା କିଛି ଠିକ୍ କରି ପାରିଲା ନାହିଁ ସେ ମନେ ମନେ ଭାବିଲା ନା ଏହି ନିହାର ବାବୁଙ୍କ ପରିହାସ--ପ୍ରଶଂସା ନୁହେଁ !

କିଛି ସମୟ ଖୁସି ଗପ ସପ ହେବା ପରେ ଗୃହର ଚୌକା ଟିଫିନ୍ ଧରି ହାଜର ହେଲା । ଦୁହେଁ ଏକାଠି ବସି ଜଳଖିଆ କଲେ । ପ୍ରତିମା ମନେ ମନେ ଭାବେ ନିହାରର ପରିଚୟଟା ପଚାରି ନେବ । ସାହସ ତାର ହୁଏନି । ପ୍ରଥମ ସାକ୍ଷାତରେ ଏପରି ଗୁରୁତର ପ୍ରଶ୍ନ ପଚାରିବାକୁ ସେ ଲଜ୍ଜା ବୋଧ କରେ । ଠିକ ଏହି ମୁହୂର୍ତ୍ତରେ ନିହାର ଭାବେ ତାର ଅନ୍ତର କଥା ସେ ହୃଦୟ ଖୋଲି ପ୍ରତିମାକୁ କହିବ । ଏହିପରି କେତେ ପ୍ରକାର କଳ୍ପନାରେ ଭାସି ଯାଆନ୍ତି ଉଭୟ ବନ୍ଧୁ । ନିହାର ଭାବେ ଏ ଯେ ବାହ୍ୟ ମିଳନ । ପ୍ରକୃତ ସତ୍ୟ ତାର ଅନ୍ତଃମିଳନ ହେଉଛି ତା ସହିତ ପ୍ରଥମ ସାକ୍ଷାତପରେ । ମନରକଥା ମନରେ ରହିଲା । ନିହାର ଶେଷରେ ଫେରିଲା ଘରକୁ ।

ବିଦାୟ ନେଇ ଆସିଲା ବେଳେ ମା କହିଲେ ନିହାର ମନରେ କିଛି ତୁମେ ଭାବିବ ନି । ଏତ ବାପ ଅଧର ଦରିଦ୍ର କୁଟୀର, ବାପ ମୋର ତୁମକୁ ଦେଖିଲେ କାହିଁକି ମୋର ଧିରେନ୍ କଥା ମନେ ପଡ଼େ ।

କଥା ଶେଷ ନ ହେଉଣୁ ନିର୍ମଳା ଦେବୀଙ୍କ ଦୁଇ ଆଖିରୁ ଦୁଇ ଧାର ଲୁହ ଗଡ଼ି ପଡ଼ିଲା । ନିହାର କାରଣଟା କିଛି ବୁଝି ପାରିଲା ନାହିଁ । ଘରେ ପ୍ରତିମାକୁ ଏ ବିଷୟ ପଚାରିବ ଭାବି ଫେରିଲା ଘରକୁ ।

ସେହି ଦିନଠାରୁ ପ୍ରତିମା ଘରକୁ ଆସିବା ଅଭ୍ୟାସଟା ନିହାରର ବଢ଼ି ଗଲା । ଅନେକ ଦିନ ଦୁହେଁ ଏକାଠି ବସି ପଢ଼ାପଢ଼ି କରନ୍ତି । ଦିନେ ଦିନେ ସନ୍ଧ୍ୟା ବେଳଟା କଟିଯାଏ ପ୍ରତିମା ଘରେ । ସାତ ଆଠଟାବେଳେ ଫେରେ ନିହାର । ଯେଉଁଦିନ ପୂର୍ଣ୍ଣିମା ମ୍ୟାଗାଜିନ୍ ଗଣ୍ଡେ କେଉଁଦିନ ବା ଗୋଟିଏ ଅଟୋବୁକ୍ ହାତରେ ଥାଏ । କେହି ତାକୁ ପ୍ରଶ୍ନ କରିବାକୁ ନ ଥାନ୍ତି । କ୍ଲବକୁ ଯିବା ତାର ଡେଲି ପ୍ରୋଗ୍ରାମ ଭିତରୁ ଗୋଟିଏ । ସେହି ଛଳନାରେ ସେ ଠକି ଦେଉଥାଏ ସମସ୍ତଙ୍କୁ ।

ଦିନୁଦିନ ନିହାର ଏବଂ ପ୍ରତିମାର ପ୍ରେମ ବଢ଼ି ଉଠିଲା । ଉଭୟେ ଉଭୟଙ୍କ ର ପରସ୍ପର ନିବିଡ଼ ବନ୍ଧନରେ ବନ୍ଧା ହୋଇଗଲେ । ପ୍ରତିମା ଏବେ ମୁହୂର୍ତ୍ତକ ପାଇଁ ନିହାରକୁ ନ ଦେଖିଲେ ପାଗଳ ହୋଇଯାଏ, ନିହାର ପାଏ ପ୍ରତିମାଠାରେ ଆଶା ଓ ଆନନ୍ଦ । ଭାବେ ସତେ ନଜରର ପ୍ରତିମା ଆଶା ଓ ଆନନ୍ଦର ଖଣି । ସେ ତାର ମରୁମୟ ଜୀବନର ସୁନ୍ଦର ଓଏସିସ୍ ସେଇଥିରେ ସେ ଶୁଣିପାରୁଏ କୋଇଲିର କୂଜନ । ମାନସିକ କ୍ଳାନ୍ତି ଓ ଅବସାଦ ଅପସର ଯାଏ କ୍ଷଣକ ପାଇଁ ।- - - - - -

କଟେ ନିର୍ମଳା ଦେବୀ ମଧ୍ୟ ନିହାରକୁ ଖୁବ୍ ଭଲ ପାଇଲେ ।

ନିହାର ନିର୍ମଳା ଦେବୀଙ୍କର ସ୍ନେହର ପାତ୍ର ହେବାର ଯଥେଷ୍ଟ କାରଣ ଥିଲା । ଯେଉଁ ଦିନ ଦୁଇବନ୍ଧୁ ପାର୍କରେ ବସି କେତେ ଖୁସି ଗପ କଲେ ସେ ଦିନ ନିହାର ପ୍ରତିମାଠାରୁ କେତେ କଥା ଶୁଣିଛି । ପ୍ରତିମାକୁ ପାଞ୍ଚ ବର୍ଷ ହେବା ସମୟରେ ପିତା ତାର ଚାଲିଗଲେ ମଗ୍ର ପରିବାରକୁ ଶୋକ ସାଗରରେ ଭସାଇ ଦେଇ । ସେ କଥା ାର ସାମାନ୍ୟ ମନେ ଅଛି । ମାଙ୍କଠାରୁ ସେ ଏକଥା ଶୁଣିଛାକୁ ାଏ ତାପରେ ମହାମାୟାରେ ତାର ଅଦୂରର ରମା ଭାଇନା ଚିର ବିଦାୟ ନେଇ ଚାଲିଗଲା । ରମାନାଥ ପ୍ରତିମାକୁ ଖୁବ୍ ଭଲ ପାଉଥିଲା କଲେଜରୁ ଫେରିଲା ବେଳେ କେଉଁ ଦିନ ବିସ୍କୁଟ ଦିଓଟି କେଉଁ ଦିନ ଅବା ମିଠାଇଟାଏ ପକେଟରେ ଲୁଚାଇ ଆଣିଥାଏ । ସେ ଡ଼ାଗାଡ଼ି ଆସି ଫାଟକରେ ଲାଗିଲା ମାତ୍ରେ ପ୍ରତିମା ଦଉଡ଼ିଯାଏ ରମା ପାଖକୁ । ଭାଇ ପକେଟ ଦରାଣ୍ଡି ପକାଏ । ରମାନାଥ ଅତି ଆନନ୍ଦରେ ପ୍ରତିମା ପାଟିକୁ ବଢାଇ ଦିଏ ବିସ୍କୁଟ ଖଣ୍ଡିକ କେଉଁ ଦିନ ଅବା ମିଠାଇ କଲି ବୁ ।

ନିହାର କାନଡେରି ପ୍ରତିମାର କଥା ଗୁଡ଼ିକ ଶୁଣି ନେଉଥାଏ । ସମୁଦାୟ ଘଟନାଟା ଶୁଣି ମନର ଗତି ତାର ବଦଳି ଗଲା । ଅଜାତରେ କୌଣସି ଘଟନା ତା'ର—ମାନସ ପଟରେ ଖେଳି ବୁଲିଲା । ତେଣୁ ସେ ବିଚଳିତ ହୋଇ ପଡ଼ୁଛି । ନିହାରକୁ ଅନ୍ୟ ମନସ୍କ ଦେଖି ପ୍ରତିମା ାର କଥାର ସୁଅ ବନ୍ଦ କରି ନେଲା । ତାପରେ ପୁଣି ଆରମ୍ଭ କଲା ।

ରମା ଭାଇନା ଚାଲିଗଲା ଦିନଠାରୁ ବାହୁଁକ ତାଙ୍କ ଘରଟା ଙ୍ଗି ପଡ଼ୁଛି । ମାଙ୍କ ମନରେ ଆଦୌ ଶାନ୍ତି ନାହିଁ ଦୁନିଆରେ ଇ କିଏ ଅଛି ତାଙ୍କର—ଯେଉଁଠାରେ ମା ବସିଛନ୍ତି—ସେହିଠାରେ ଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି । ଗାଧୋଇବା କମ୍ବା ଖାଇବା ଭୁଲି ଆନ୍ତି ପ୍ରତିମାହିଁ ତାଙ୍କର ଜୀବନର ଏକମାତ୍ର ସମ୍ବଳ । ତାକୁ ଦେଖି

ସେ କେବଳ ଜୀବନ ଧାରଣ କରନ୍ତି ।

ନିହାର ଓ ରମାନାଥ ଉଭୟଙ୍କ ଚେହେରା ପ୍ରାୟ ସମାନ । ଦୁହେଁ ଏକ ବୟସର ଏଇଥି ପାଇଁ ନିହାରକୁ ଦେଖିଲେ ନିର୍ମଳା ଦେବୀ ବ୍ୟଥିତ ହୋଇ ପଡ଼ନ୍ତି । ତାଙ୍କର ମନରେ ଭାବନା ଆସେ ସତେ କିବା ରମା ତାଙ୍କର ଫେରି ଆସିଛି । -----

ପ୍ରତିମା ନିହାରର ପରିଚୟ ପାଇଁ ବହୁତ ଚେଷ୍ଟା କରନ୍ତି । କିନ୍ତୁ ପାଇନି ତାର ପରିଚୟ । ପ୍ରତିମା ବୁଝିପାରେନା ମଣିଷ ଜାତିଟା ତାଙ୍କ ପରି ଏତେ ସରଳ ନୁହନ୍ତି । ବହୁତଚେଷ୍ଟାପରେ ପ୍ରତିମା ଏତିକି ଜାଣି ପାରନ୍ତି—

ଯେ ନିହାର ଦୟାଲ ବାବୁଙ୍କର ଖୁବ୍ ନିକଟ ସମ୍ପର୍କୀୟ । ପ୍ରତିମା Indirectly ତାର ପରିଚୟ ପଚାରେ । ନିହାର କିନ୍ତୁ ନାନା କଥା କହି ଭୁଲାଇ ନିଏ ତାର ମନକୁ, ନିହାରର ପୂର୍ଣ୍ଣ ପରିଚୟ କେହି ପାଇନି । ସମସ୍ତେ ଜାଣନ୍ତି ସେ ଦୟାଲବାବୁଙ୍କର ଖୁବ୍ ଭିତରର ଜଣେ । ଜାଣିବାର ମଧ୍ୟ ଉପାୟ ନାହିଁ ।

ସେ ଦିନ ଗାଡ଼ିରେ ପ୍ରଥମ ସାକ୍ଷାତ ହୁଏ ନିହାରର ଦୟାଲ ବାବୁଙ୍କ ସାଙ୍ଗରେ । ବାଟରେ ଷ୍ଟେସନରେ ଗାଡ଼ିଅଟକିଲା । ଥାର୍ଡକ୍ଲାସ କମ୍ପାଟ ମେଣ୍ଟଟାରେ ବସି ବସି ନିହାରକୁ ଭାରି ବିରକ୍ତ ଲାଗିଯାଇ ଥିଲା । ମନଟା ଟିକିଏ ଫୁର୍ତ୍ତି କରିବା ପାଇଁ ପ୍ଲାଟଫର୍ମ ଆଡ଼କୁ ଗଲା । ସିଗାରେଟର ସୁଗନ୍ଧ ଧୂଆଁ ସହିତ ମନଟା ଖୁବ ହାଲୁକା ହୋଇ ଉଠିଲା । ଘଣ୍ଟି ବାଜିଲା । ଗାର୍ଡ ସାହେବ ହୁଇସିଲ ମାରିଲା ପରେ ଗାଡ଼ି ଚାଲିଲା ଆସ୍ତେ ଆସ୍ତେ ।

ନିହାର ସିଧା ଦଉଡ଼ିଲା ତାର କମ୍ପାଟ ମେଣ୍ଟଆଡ଼କୁ । ଗାଡ଼ି ସ୍ପିଡ଼ ଟିକିଏ ବଢି ଯାଇଛି । ହଠାତ୍ ଆଖିରେ ପଡ଼ିଗଲା ଜଣେ ବୃଦ୍ଧ ଭଦ୍ରଲୋକଙ୍କ ଉପରେ ରେଲିଂ ଧରି ଫାଷ୍ଟକ୍ଲାସ କମ୍ପାଟ ମେଣ୍ଟ

ଉଠି ଯିବା ପାଇଁ ଉଦ୍ୟତ ହେଉଁ ହେଉଁ ତଳେ ଠିକ ଗଡ଼ିଯିବା ଉପରେ । ଚଟକିନା ଗୋଟିଏ ହାତରେ ଟେକି ଦେଇ ଭିତରକୁ ଠେଲି ପଶିଲା ନିହାର । ଦୟାଲ ବାବୁ ପଛକୁ ଅନାଇ ଦେଖନ୍ତି ତ ଜଣେ ଯୁବକ । ଗିଲ୍ଲା ଯୁବକ ଚେହେରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗରେ ଯୌବନ ତରଙ୍ଗ ଖେଳି ଯାଉଛି । ବୟସ ପଚିଶ ର ଏପାଖ । ଚେହେରାରୁ ଜଣା ପଡୁଛି ଜଣେ କଲେଜ ଷ୍ଟୁଡେଣ୍ଟ ।

ନିହାରକୁ ଦେଖି ସେ ଅବାକ୍ ହୋଇ ପଡିଲେ । ସଂପୂର୍ଣ୍ଣ ଅପରିଚିତ ଅଲକ୍ଷିତ ଭାବରେ ପାଟିରୁ ତାଙ୍କର ବାହାରି ପଡିଲା Thank you ସେହିଠାରେ ହୁଏ ତାଙ୍କର ନିହାର ସହିତ ପ୍ରଥମ ପରିଚୟ ।

ସେହି ଉପକାର ର ପ୍ରତ୍ୟୁପକାର ରୂପେ ଆଜି ନିହାର ପାଇଛି ଦୟାଲବାବୁଙ୍କ ଘରେ ଆଶ୍ରୟ । ହୋଇ ପାରିଛି ସେ ତାଙ୍କର ଅତି ଆଦରର ଏବଂ ନିକଟରଲୋକ । ଘରେ ପହଞ୍ଚିଲା କ୍ଷଣି ମିନତୀଦେବୀ ଚୁକର ଟୋକା ଠାରୁ ଘଟଣାଟି ଶୁଣି ନିହାରକୁ ଧନ୍ୟବାଦ ନ ଦେଇ ରହି ପାରିଲେ ନାହିଁ । ସେହି ଦିନଠୁ ନିହାର ଉଭୟଙ୍କର ସ୍ନେହର ପାତ୍ର ହୋଇ ପାରିଛି । ସେହି କାରଣରୁ ସେମାନେ ନିହାରକୁ ପୁଅ ରୂପେ ଗ୍ରହଣ କରି ନେଇଛନ୍ତି ।

ନିହାର ପ୍ରତିଦିନ ସ୍କୁଲକୁ ଯାଏ । କେବଳେ ପଢାପ୍ରତି ଆଉତା'ର ପୂର୍ବ ଅଗ୍ରହ ନାହିଁ ଏକୁଟିଆ ବସି ଭବିଷ୍ୟତର କେତେ ସୁଖସଂସାର ଗଢ଼ିବସେ ସେ । କଳ୍ପନାର ତାର କିଛି ଥଳକୂଳ ରହେନା । ପ୍ରତିମା ଜାଣିଛି କି ଯେ ତାକୁ ଅତୁଟ ଭଲପାଏ । ପ୍ରତିମାର ଜନ୍ମଦିନ ଉତ୍ସବରେ ତା'କୁ ସେହି ଫଟୋଟା ଉପହାର ଦେଇ ... କାହିଁକି ସେ ସଂସାରଟା ଦେଖେ ନିହାରମୟ...

ସେ ଧନ ନିମନ୍ତ୍ରଣ ରକ୍ଷା କରି ନିହାର ପାଇଁ ଯାଇଥିଲା ତାଙ୍କ ଘରକୁ । ଜନ୍ମଦିନ ଉତ୍ସବରେ ଯୋଗଦେବା ତାର ଆଗ୍ରହ ନୁହେଁ ବେଶୀ ଆଗ୍ରହ—ପ୍ରତିମାର ପ୍ରତିମୂର୍ତ୍ତି ନିଜ ହାତରେ ଆଙ୍କି ଜନ୍ମଦିନ ଭଳି ଶୁଭତିଥିରେ ତାକୁ ଉପହାର ଦେବ । ଏଇଥିରେ ତା'ର ବେଶୀ ଆନନ୍ଦ । ଚମଡ଼ା ବ୍ୟାଗ ଭିତରୁ ସୁନେଲି ରଙ୍ଗ ଫଟୋଟି ଯେତେ-ବେଳେ ପ୍ରତିମା ହାତକୁ ବଢ଼ାଇ ଦେଲା ମନ ତାର ପୁଲକିତ ହୋଇ ଉଠିଲା । ସାରା ଦେହରେ ତାର ବିଦ୍ୟୁତ୍ ପ୍ରବାହ ଖେଳିଗଲା ।

ପ୍ରତିମା ଆଶା କରି ନଥିଲା ଏ ଭଳି କମନୀୟ ଉପହାର ପାଇବ ବୋଲି । ଯେତେବେଳେ ଦେଖିଲା ତାର ନିଜର ଫଟୋ ଏବଂ ଆର୍ଟିଷ୍ଟ ନିଜେ ନିହାର ବାବୁ ହୃଦୟର ଆନନ୍ଦ ତାର ଦ୍ୱିଗୁଣିତ ହୋଇ ଉଠିଲା ।

ନିହାରକୁ ଏହା ବଦଳରେ ଇଏ ଦେବ କଅଣ ? କିଛି ଠିକ କରି ପାରିଲା ନାହିଁ ସେ ଦିନଠୁ ନିହାର ପ୍ରତି ପ୍ରତିମାର ସ୍ନେହ ବଢ଼ିଚାଲିଲା ନିହାରର ମଧୁର ନାମ ସ୍ମରଣରେ ସେ ପାଏ ସ୍ୱର୍ଗୀୟ ଆନନ୍ଦ ଓ ତୃପ୍ତି ଦୁନିଆକୁ ସେ ଭୁଲିଯାଏ ସେଥିରେ । - - - - - - - -

କ୍ରମେ କ୍ରମେ ସେମାନଙ୍କର ପ୍ରେମ କାହାରକୁ ଫୁଟି ଉଠିଲା । ତାହା ଯେ ଛପିବାର ନୁହେଁ, କୂଳ ଲଙ୍ଘି ସେମାନଙ୍କର ପ୍ରେମର ସୁଅ ଛୁଟିଲା । ନିହାର ଏବଂ ପ୍ରତିମା ଭାସି ଚାଲିଲେ ସେଥିରେ । ସେମାନଙ୍କର ଅବାଧ ମିଳନ ସମୁଦ୍ର କୂଳ, ପାର୍କ ଓ ସିନେମା ଘରେ ଦେଖି ଏ ସମସ୍ତ ଦୁନିଆ ଆଖିକୁ କାହିଁକି ବିସ୍ମୟ ଜଣା ପଡ଼ିଲା ।

ଏ ସମସ୍ତ ଦେଖି ସ୍କୁଲରେ ପିଲାମାନେ ଦିନୁଦିନ ଈର୍ଷାନ୍ୱିତ ହୋଇ ପଡ଼ିଲେ । ନିହାରର ଏ ସବୁକୁ ଖାତିର ନାହିଁ ଦୁନିଆ ତାର ଆଖିରେ କିଛି ନୁହଁ । ବେକାର ଦୁନିଆ ସେ ଭାଙ୍ଗିବ । ପୁଣି ନିଜ ହାତରେ ନୂଆ ଦୁନିଆ ଗଢ଼ିବ । ପ୍ରତିମା ଯେ ଲଜ୍ଜାଶୀଳା । ତାର ସେ

ସାହସ ନାହିଁ । ଦମ୍ଭ ନାହିଁ । ପିଲାଙ୍କ ଥଟ୍ଟା, ପରିହାସ ଓ ବିଦ୍ରୂପକୁ ଷ୍ଟ ପଥରେ ପଡ଼ି ଦେହସହା କରି ପାରିଲା ନାହିଁ, ବାଧ୍ୟ ହୋଇ ତାକୁ ସ୍କୁଲ ଛାଡ଼ିବାକୁ ହେଲା ।

ସ୍କୁଲ ଛାଡ଼ିବା ପରେ ପ୍ରତିମାକୁ ମନେ ହେଲା ସତେ ଯେପରି ଦିନଗୁଡ଼ାକ ବଢ଼ି ଚାଲିଛି । ଘରଟାରେ ଏକା ବସି ବସି ତାକୁ ଭାରି ବିରକ୍ତ ଲାଗିଲା, ମନଟା ନିହାତି ଖରାପ ଲାଗିଲେ ପରିବର୍ତ୍ତନ ପାଇଁ ଏଣୁ ତେଣୁ କଅଣ ଗୋଟାଏ ଚିତ୍ର ଆଙ୍କି ବସେ । ପ୍ରତିଦିନ ସକାଳେ ଓ ସନ୍ଧ୍ୟାବେଳେ ହାତବାକ୍ସରୁ ଫଟୋଟା ଆଣି ମନ ପୂରାଇ ଦେଖେ । ସେତିକିରେ ମନରେ ତାର ତୃପ୍ତି ଆସେନା । ସମୟ ସମୟରେ ଅଇନାଟା ଦେଖି ତା'ର ରୂପ ସହିତ ଫଟୋଟା ମିଳାଇ ନେଇଯାଏ ।

ଫଟୋଟାରେ ସୌନ୍ଦର୍ଯ୍ୟ ତାର ଅପୂର୍ବ ଫୁଟି ଉଠିଛି । ତାର କୁଞ୍ଚିତ କେଶ ଯୁକ୍ତ ଘନନୀଳ ବେଣୀ ଅଣ୍ଟା ପର୍ଯ୍ୟନ୍ତ ଲମ୍ବି ଚାଲିଛି ବେଣୀରେ ପ୍ରତିଦିନ ଅଭ୍ୟାସ ଅନୁଯାୟୀ ଖୋସା ହୋଇ ଥିବା ଗୋଲାପ ଫୁଲଟା ମଧ୍ୟ ବାଦ ଯାଇନାହିଁ । ଖୁବ୍ ନିରୀକ୍ଷଣ କରି ଫଟୋଟା ଆଖିକୁ ଆଣାଏ । କିନ୍ତୁ କିଛି ତଫାତ୍ ପାଏନା । ତାପରେ ମନେମନେ ଭାବେ ସାଧାରଣ ଆର୍ଟିଷ୍ଟ ପକ୍ଷରେ ଏହା ସମ୍ଭବପର ନୁହେଁ ବାସ୍ତବିକ ନିହାରବାବୁ କି ସୁନ୍ଦର ଆର୍ଟିଷ୍ଟ ।

ମନେହୁଏ ଏପରି ଜଣେ ଆର୍ଟିଷ୍ଟଙ୍କୁ ସେ ନିଜର କରି ନିଅନ୍ତା -ଯେ କି ଜୀବନର ପ୍ରତି ଛନ୍ଦେ ଛନ୍ଦେ ତା'ର ଫୁଟାଇପାରନ୍ତା ଆର୍ଟ । ଜୀବନଟା ସରସ ଓ ମଧୁମୟ ହୋଇ ଉଠନ୍ତା - - -

ପରମୁହୂର୍ତ୍ତରେ ଲାଜନା ଆସେ ତାହା ସେତେ ସହଜସାଧ୍ୟ ନୁହେ । ମନଟା ତାର ଭାଙ୍ଗି ଯାଏ କୁଆଡ଼କୁ ଯିବା ଛଳନାରେ ଗଣ୍ଡିଏ ପାଇ ଭାଇ ଖାଇଦେଇ ଚାଲିଯାଏ । ପ୍ରତିମା ଘରକୁ । ନାନା କୌତୁକ

ରେ ସମୟ କଟେ । ଘରକୁ ଫେରିବାକୁ ମନ ତାର ହୁଏନି । ପ୍ରତିମା ତାକୁ କେତେ ବାଧ୍ୟ କରେ ।

ନିହାର କହେ, ବାପା ଜାଣିଲେ ବିରକ୍ତ ହେବେ ମୁଁ ଆଉ ରହି ପାରିବିନି । ପ୍ରତିମା ଦରଦ କଣ୍ଠରେ ସମ୍ମତି ପ୍ରଦାନ କରେ 'ହଁ—ଏ ବସାକୁ ଫେରି ନିହାର ବିଛଣାରେ ପଡ଼ିରହେ । ଆଖିକୁ ତାର ନିଦ ଆସେ ନାହିଁ । ଅତୀତର କେତେ ଘଟଣା ମନେ ପଡ଼ିଯାଏ । ମୁହୂର୍ତ୍ତକ ପାଇଁ ମନଟା ଦବିଯାଏ ।

ନିହାର ବାହାକୁ କିନ୍ତୁ ନ କହି ଦୁଇବର୍ଷ ହେଲା ଚାଲି ଆସିଛି ଘରୁ । ଘର ତା'ର କେଉଁ ସୁଦୂର ପଲ୍ଲୀରେ । ଆଇ ଏ ପରୀକ୍ଷା ଫଳ ଶୁଣିବା ପାଇଁ ସେ କଟକ ଆସିଥିଲା ତା ପରେ ଆଉ ଘରକୁ ଫେରିନି । ସାନ ଝିଅ ଝୁନିର କଥା ତା କାନରେ ବାଜେ କେତେ ଗେଲବସର ଝିଅଟା, କାଇଁନ ମନରେ ଅବାକଅଣ ଭାବୁ ନଥିବ । ସୁନାର ସଂସାରକୁ ଚୂନା କରି ଦେଇ ସେ ଅଜ୍ଞା ଚାଲି ଆସିଛି । ଭାଇ,ବନ୍ଧୁ, ବାପ, ମା, ପିଲା,କବଲ ସମସ୍ତଙ୍କୁ ସେ ପାଶୋରିଦେଇଛି ।

ଏହିପରି ନାନାକଥା ଭାବି ନିହାର ନିଜକୁ ନିଜେ ବହୁତ ଧିକ୍କାର କରେ କିନ୍ତୁ ସେ ସବୁ କ୍ଷଣକ ପାଇଁ । ପରମୁହୂର୍ତ୍ତରେ ସେ ଭାବନା ଗୁଡ଼ିକ ତାର କୁଆଡ଼େ ଉଭେଇ ଯାଏ । ସେ ଭାବେ, ମୁଁ ସେ ଗତଶତ ସୁନାର ସଂସାର ସୃଷ୍ଟି କରିବି । ଭବିଷ୍ୟତର ସ୍ୱର୍ଣ୍ଣ ସ୍ୱପ୍ନ ଅତୀତକୁ କେଉଁ ଅତଳ ଗର୍ଭକୁ ଚୁପିଦିଏ । ନିହାର ପୁଣି ଚାଲେ ତାର ପ୍ରିୟତମା ପ୍ରତିମା ପାଖକୁ ।

ଦୟାଳ ବାବୁଙ୍କ କାନକୁ ଏସବୁ କଥା ଆସେ ନାହିଁ । ସେ ନିହାର ଉପରେ ସମସ୍ତ ଆଶା ବିଶ୍ୱାସ ଢାଳି ଦେଇଛନ୍ତି । ତା ଉପରେ ତାଙ୍କର ଅବିଶ୍ୱାସ ନାହିଁ । ନିହାରକୁ ସେ କେବେ ବିରକ୍ତ ହୁଅନ୍ତି ନାହିଁ, ତାକୁ ନିରାଶ କରିବା ଦୟାଳ ବାବୁଙ୍କ ଉଦ୍ଦେଶ୍ୟ ନୁହେଁ ।

...ାଙ୍କର ବିଶ୍ୱାସ—ନିହାର ଯାହା କରେ ତାହା ଠିକ। ଦୟାଳ
...ାବୁଙ୍କ ଏହି ସରଳ ବିଶ୍ୱାସରେ ନିହାର ନେଉଛି ଖୁବ୍ ସୁଯୋଗ।

ପୂର୍ଣ୍ଣିମା ରାତ। ଚନ୍ଦ୍ର କିରଣ ଚୁଡ଼ିଆଳେ ଉଜ୍ଜ୍ୱଳ ହୋଇ
...ଅଛି ଚନ୍ଦ୍ରର ଶୁଭ୍ର କିରଣ ସମୁଦ୍ର ଉପରେ ପଡ଼ି ଜଳର ନୀଳିମାକୁ
...ଗୁଣିତ କରୁଛି। ଚନ୍ଦ୍ରକିରଣର କୁହୁକ ପରଶରେ ସତେ ଯେପରି
...ବୃକ୍ଷ ପତ୍ର ଗୁଡ଼ିକ ଧଳା ହୋଇ ଉଠିଛନ୍ତି। ଝଙ୍କାଳିଆ ଗଛତଳେ
...ଛୋଟ ଛୋଟ ବୁଦାସବୁ ଚନ୍ଦ୍ର ସହିତ ଆରମ୍ଭକରି ଦେଇଛନ୍ତି ସେମାନଙ୍କ
...ଚକାଳି ଖେଳ। ଚନ୍ଦ୍ର ମଧ୍ୟ ବେଳେ ବେଳେ ମେଘ ଦେହରେ ଲୁଚି
...ଇ ସେମାନଙ୍କୁ ହାଇରାଣ କରି ଦେଉଛି।

ଏତିକି ବେଳେ ଗୋଟିଏ ଘୋଡ଼ାଗାଡ଼ି ଛୁଟିଛି ସମୁଦ୍ର କୂଳେ
...ଲେ। ଅଳ୍ପ ସମୟ ପରେ ଗାଡ଼ି ଅଟକିଲା। ନିହାର ଓ ପ୍ରତିମା
...ହୁଁ ଓହ୍ଲାଇପଡ଼ି ଚାଲିଲେ ବାଲି ଆଡ଼କୁ। ବାଲିଉପରେ ଶୁଭ୍ର ଗାଲିଚା
...ଛି ହୋଇଛି। ଚନ୍ଦ୍ର ଆକାଶରେ ଟାଣି ଦେଇଛି ଠିକଣାଳ ଚନ୍ଦୁଆ
...ସଂଖ୍ୟ ଇଲେକ୍ଟ୍ରିକ ବାଲ୍ବ ସେଥିରେ ଝୁଲି ପଡ଼ିଛନ୍ତି ତାରକା
...ପରେ।

ଚନ୍ଦ୍ରର ଏତେ ଦୂର ସହାନୁଭୂତି କାହା ପ୍ରତି ନ ଥାଏ।
...ହାର ଓ ପ୍ରତିମା ଉଭୟେ ଅଟିଷ୍ଟ। ତେଣୁ ସେମାନଙ୍କ ମନ
...ପିକ ସନ୍ଧ୍ୟାଟିଏ ଅଙ୍କା ସେ କରିଦେଇଛି। ଦୁହେଁ ସିମେଣ୍ଟ ବେଞ୍ଚ
...ପରେ ବସି ନାନା ସୁଖ ଦୁଃଖ ହେଲେ। ସେମାନଙ୍କ କଥାବାର୍ତ୍ତାର
...ଛି ଗୋଟାଏ ସୀମା ନ ଥାଏ।

ପ୍ରତିମା ଭାବିଲା ଏ ହେଉଛି ଉପଯୁକ୍ତ ସମୟ। ଅନ୍ତରଖୋଲି
...ପଦକ ଭାବ ସେହି ମୁହୂର୍ତ୍ତରେ କେସ ଶୁଣାଇବ ନିହାରକୁ।
... ମନରେ ଆସେ କାଳେ ନିହାର ବିରକ୍ତ ହୋଇ ପାରେ!

ନିହାରର ମନରେ ଅଯଥା ବିରକ୍ତି ଆଣିବା ତା ପକ୍ଷରେ ଅଭଦ୍ରତା ଛଡ଼ା ଆଉ କିଛି ନୁହେଁ । ପ୍ରଥମେ କଥାବାର୍ତ୍ତା ଆରମ୍ଭ କରିଦେବା ମଧ୍ୟ ତା ପକ୍ଷେ ଶୋଭନୀୟ ନୁହେଁ, କିଛି ନ କହି ଚୁପ୍ ରହିଲା । କିଛିସମୟ ପରେ ମନଟାକୁ ଟିକିଏ ସଂଯତକରି ନେଇ ଆରମ୍ଭ କଲା, ନିରୁଭାଇନା ଏତେ ଦିନପରେ ତୁମକୁ ମୁଁ ମୋର ଅନ୍ତରର କଥାପଦକ କହିବି

ପୁଣି କ୍ଷୀଣ କଣ୍ଠରେ ଭାସି ଆସିଲା ପ୍ରତିମା କଣ୍ଠରୁ ତୁମକୁ ମୋର ଏଇ ବିଶେଷ ଅନୁରୋଧ । ଅଭାଗିନୀର ଅନୁରୋଧ କେତେ ଦୂର ରକ୍ଷାହେବ କେଜାଣେ ? ଏକଥା ଶୁଣି ନିହାର ହଠାତ୍ କହି ପକାଇଲା—

ପ୍ରତିମା ଏଇଥିପାଇଁ ତୁମକୁ ମୋତେ ବିରକ୍ତି ଲାଗେ । ତୁମେ ଜାଣନା ତୁମକୁ ମୁଁ କେତେ ଭଲପାଏ ।

ତଥାପି ତୁମର ଅନ୍ତରର କଥାପଦକ ମୋତେ ପୁଣି କହିବାକୁ ତୁମର ଏତେ ଲାଜ ଏତେ ସଂକୋଚ ?

ଏହାହିଁ ଉତ୍ତର ଦୁର୍ଦ୍ଦାନ୍ତ ପ୍ରତିମା—ତୁମେ ମୋତେ କେତେ ଭଲ ପାଅ । କଥାଗୁଡ଼ିକ ଯେପରି ପ୍ରତିମାକୁ ଭାରି ବାଧିଲା । ଶୁଭ୍ର ଚନ୍ଦ୍ର କିରଣରେ ଦୁଇଧାର ଲୁହ ଗଡ଼ି ପଡ଼ିଲା ପ୍ରତିମାର ଶୁଭ୍ର ଗଣ୍ଡ ଦେଶରେ ।

ନିହାର କହିଲା —ଛି ପ୍ରତିମା ତୁମେ ଯେ କାନ୍ଦୁଛ

ସିଲ୍କ ରୁମାଲଟା ବାହାର କରି ନିହାର ପ୍ରତିମାର ମୁହଁ ଆଖିକୁ ହାତ ଦଉଡ଼ାଇ ଦେଇଛି । ଠିକ୍ ଏତିକି ବେଳେ ଚନ୍ଦ୍ର ଢଳି ପଡ଼ିଛି ବାଦଲ ଦେଶରେ । ପ୍ରତିମା ପାଟିରୁ ମଧ୍ୟ ଠିକ୍ ଏତିକି ବେଳେ ବାହାରି ପଡ଼ିଲା ଉ—ହୁଁ…ଚନ୍ଦ୍ର ପୁଣି ଆକାଶରେ ଫୁଟିଉଠିଲା ପୁନର୍ବାର ଦୁଇଧାର ଲୁହ ଗଡ଼ି ଆସିଲା ପ୍ରତିମାର ଦୁଇ ଆଖିରୁ କୋହ ସମ୍ଭାଳି ନପାରି ସେ ଭଇଁ ଭଇଁ ହୋଇ କାନ୍ଦି ଉଠିଲା ।

ନିହାର ତାଙ୍କୁ ଗୁପି ଆଣିଲା ନିଜ ସ୍ଲିପ ଉପରକୁ। ମନେ ମନେ ଭାବିଲା ସେ ପ୍ରତିମା ମନରେ ବୃଥା ଭୟ ଦେଖାଇ ଭାବିଲା ପୁଣି ପ୍ରତିମା ପାଖରୁ ସମୟ ମାଗିନେବ ବୋଲି ସେ ମନରେ ଅନ୍ୟ କିଛି ଭାବ ପାଇବ। ଏହି ଭିତରେ ନିହାର ନୀରବ ରହିଲା।

ପର ମୁହୂର୍ତ୍ତରେ ହାତଘଣ୍ଟାକୁ ଅନାଇ ନିହାର ଦେଖିଲା ସମୟ ଦଶଟା ଉପରେ। ନିହାର ଓ ପ୍ରତିମା ଦୁହେଁ ପୁଣି ବସି ଗଲେ ଘୋଡ଼ା ଗାଡ଼ିରେ। ଘୋଡ଼ାଗାଡ଼ି ପହଞ୍ଚିଲା ଯାଇ ପ୍ରତିମା ଦୁଆରେ।

ଗୁଡ଼ନାଇଟ୍ କହି ନିହାର ଗାଡ଼ି ଉପରକୁ ଉଠିଛି କି ନାହିଁ ପ୍ରତିମା ପଛରୁ ଆପତ୍ତି କରି ଉଠିଲା।
କହିଲା—ଆଜି ରାତିଟା ଆପଣ ଆମଘରେ ଅତିଥି ହେବାକୁ ପଡ଼ିବ। ବଡ଼ିଭୋରରୁ ପଛରେ ଘୋଡ଼ାଗାଡ଼ି ଆପଣଙ୍କ ଘରେ ନେଇ ଛାଡ଼ି ଆସିବ। ନିହାର କିନ୍ତୁ ତାର ଅନୁରୋଧ ରକ୍ଷା କରିଲା ନାହିଁ। କୌଣସି ଉପାୟ ଇଂରାଜୀରେ କହି ସେ ଗାଡ଼ି ଉପରକୁ ଉଠିଲା।

ନିହାର ହୃଦୟ ବାସ୍ତବରେ ଏତେବେଳେ ଯାଏ ପ୍ରତିମା ପାଖରେ ରହିଗଲା। କିନ୍ତୁ ଗାଡ଼ିରେ ବସିବା ମାତ୍ରେ ନାନାଭାବନା ଆସି ତାକୁ ବିଚଳିତ କରି ପକାଇଲା। ଅଧିକ କଥା ବାପା ତେ ତାକୁ ଖୋଜିବେ। ଏତେ ରାତି ହେଲାଣି। ଏ ସମସ୍ତ କଥା ଭାବି ସେ ଗଢ଼ିବସିଲା ଏକ ପ୍ଲାନ୍ ଦୟାଳ ବାବୁଙ୍କ ଠକିବା ପାଇଁ। ତାପରେ ଗାଡ଼ି ଛୁଟିଲା।

ନିହାରର ଆଖି ଆଗରେ ସେ ଦିନର ମଧୁର ଛବି ନାଚି ଉଠିଲା ତାର ପାଇଁ ପ୍ରତିମା କେତେ କାନ୍ଦିଲା। ସତେ କଣ ସେ ତାକୁ ଏତେ ଭଲ ପାଏ ?
ନିହାର ନିଜକୁ ନିଜେ ପ୍ରଶ୍ନ କଲା।

ପ୍ରଥମର ଅଶ୍ରୁ କଣାରେ ସେ ଦିନ ନିହାରର ପ୍ରେମର

ଅଚଳତା ଘୋର ହୋଇ ଯାଇଥିଲା । ପୁନା ଭଣିଜା ନାଁରେ ପଦ୍ମ
ଉଜ୍ଜ୍ୱଳ ହୋଇ ଉଠିଥିଲା ପର ପ୍ରଥମାର ପଶୁକଣାରେ ଉଭୟ
ଅନୁରାଗ ଓ ବନ୍ଧନ ତେଜସ୍ୱୀ ହୋଇ ଉଠିଲା ।

ନିହାର ଯାଇ ଦୁଆର ପାଖରେ ପହଞ୍ଚିଗଲା । ଭିତର ପାଖ
ଦୁଆର ବନ୍ଦ ହୋଇଛି । ରହସ୍ୟଟା ସେ କିଛି ବୁଝିପାରିଲା ନାହିଁ
ବଡ଼ ପାଟିରେ ଡାକିଲା ନବୀନାକୁ । ଏତେ ସମୟରେ ଗୁଜର ଚୌକା
ଅଛ ହୋସ୍ ନାହିଁ । ଗୁଡ଼ମଣ୍ଡ ବାବୁ ନିହାରର ପାଟି ଶୁଣି ତମ:
ପଡ଼ିଲେ ।

ତାଙ୍କ ମୁହଁରୁ ବାହାରି ପଡ଼ିଲା, ଅରେ ଏ ଯେ ନିହାର
ଏତେବେଳଯାଏ କେଉଁଠି ଥିଲ ?
ଗୁଜର ଯାଇ ଖବର ଦେଲା—

ବାବୁ ଆଜି ମଣ୍ଡ କ୍ଲବର ବାର୍ଷିକଉତ୍ସବ । ସେଥି ଯୋଗୁ ଏତେ
ଡେରି । ଗୁଡ଼ମେଶ୍ୱର କଥାଟା ବୁଝିପାରିଲେ । ନିହାରର ପ୍ଲାନ୍‌ଟା ବାବୁଙ୍କ
ମନକୁ ବେଶ୍ ପାଇଲା । ସେଇ କଥାରେ ସେ ଫାଙ୍କି ଦେଇ ଗଲେ
ଦୟାଳଜୀଙ୍କୁ ।

\+ + + +

ଏହି ସୁନ୍ଦର କଟେଦଶରେ ଭଗବତୀ ନିହାରର ଏକମାତ୍ର
ଓଡ଼ିଆ ବନ୍ଧୁ । ହର୍ଷିବ ରୋଡ଼ରେ ଖଣ୍ଡିଏ ଭଡ଼ାଘର ନେଇ ସେ
ରହୁଥାନ୍ତି । ସାଙ୍ଗରେ ପିଲା ଛୁଆ ଓ ସାନ ଭାଇ ସନତ । ଦୁଇ
ଭାଇ କାମ କରନ୍ତି ଗୋଟିଏ କାରଖାନାରେ । ନିହାର ରଞ୍ଜନର ବାଲ୍ୟ
ଜୀବନର ସାଥୀ । ମାଟ୍ରିକ ପରୀକ୍ଷାରେ ପାଶ କରିବା ପରେ ବେକାର
ସମସ୍ୟା ସମାଧାନପାଇଁ ସେ ବମ୍ବେକୁ ଚାଲିଆସିଲା । ସୁଯୋଗ ଦେଖି
ଦୁଇଭାଇ ପଶିଯାଇଛନ୍ତି ଗୋଟିଏ ବ୍ୟବସାୟରେ । ପ୍ରତିଷ୍ଠାରେ

ବୋଲି ନିହାର ଅନେକ ସମୟରେ ରଜତ ପାଖକୁ ଯାଏ । ରଜତକୁ 'ସେ ବଡ଼ ଭାଇନା' ଡାକେ ।

ଦୀର୍ଘ ସାତଦିନର ପରିଶ୍ରମପରେ ରବିବାର ର ବଡ଼ ଅବସରଟା ମିଳିଛି । ବାଟଘରେ ଆର୍ମ ଚେୟାରରେ ବସି ରଜତ କୌଣସି ଗୋଟିଏ ମ୍ୟାଗାଜିନ୍ ପଢ଼ି ବାରେ ଲାଗିଛି । ନିହାର ପହଞ୍ଚି ଗଲା ସେଠାରେ । ବହୁଦିନପରେ ନିହାରର ଆକସ୍ମିକ ଆବିର୍ଭାବ ଦେଖି ରଜତ ଆଶ୍ଚର୍ଯ୍ୟ ହୋଇ ପଡ଼ିଲା । ଭାବିଲା ନିହାର କିଛି ଜରୁରୀ କାମ ନେଇ ଏତେ ସକାଳଟାରେ ପହଞ୍ଚି ଯାଇଛି । ଚା ଜଳଖିଆ ଶେଷ ହେଲା ପରେ ସିନେମା ଥିଏଟର ବାଦ୍ୟ ଗୀତ ପାଠପଢ଼ା ଗୋଟିକ ପରେ ଗୋଟିଏ କେତେ କଥା ପଡ଼ିଗଲା । ଆର୍ଟ ଦିଗରେ ନିହାରର ପ୍ରୋଗ୍ରେସ ଟାକୁ ରଜତ ଭାରି ପ୍ରଶଂସା କଲା ।

ଯା'ଭିତରେ ନିହାରର ଆର୍ଟ ମ୍ୟାଗାଜିନ୍ ମାନଙ୍କରେ ଚିତ୍ରମାନ ବାହାରେ । ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଏବଂ ବଡ଼ବଡ଼ ଅନୁଷ୍ଠାନ ମାନଙ୍କରୁ କେତେପ୍ରକାର ସାମ୍ପଲ୍ ଓ ଡିଜାଇନ, ପାଇଁ ତା ପାଖକୁ ପ୍ରତିଦିନ ଅର୍ଡର ଆସେ । ନିହାରର ଏ ସମସ୍ତ ଗୁଣ ବର୍ଣ୍ଣନା କରି ରଜତ ତାକୁ ଏକ ମସ୍ତବଡ଼ ଆର୍ଟିଷ୍ଟ ହିସାବରେ ଥୋଇଦେଲା। ବନ୍ଧୁଙ୍କ କଥାକୁ ନିହାର ମନଦେଇ ଶୁଣୁଥାଏ ।

କିନ୍ତୁ ଏ ଆତ୍ମ ପ୍ରଶଂସା ତାକୁ ଭଲ ଲାଗୁ ନ ଥାଏ । ସେ ସବୁ ଅନେକ ଲୋକଙ୍କ ଠାରୁ ଶୁଣି ଶୁଣି ତାକୁ ବିରକ୍ତି ଲାଗି ଗଲାଣି । ନିହାର ଆଜି ନିଜ ଆତ୍ମ ପ୍ରଶଂସା ଶୁଣିବା ପାଇଁ ରଜତ ପାଖକୁ ଆସିନାହିଁ । ସେ ଆସିଛି—ଆଜି ହୃଦୟ ଖୋଲି ବନ୍ଧୁଙ୍କ ଆଗରେ ନିଜର ମନର କଥା କହିବ । ସେ ତପ ପ୍ରତିମା ବାନାର୍ଜୀକୁ ବିବାହ କରିବାକୁ ଇଚ୍ଛାକରେ । ଏଥିରେ ସେ ଚାହେଁ—ରଜତରମତ ।

ରଞ୍ଜିତବାବୁ ଅନ୍ତୁ ଅନ୍ଧେଇଗଲେ । ଏତେ ବଡ଼ ଜଟିଳ ସମସ୍ୟାର ମୀମାଂସା କିପରି ସେ ଏତେ ଚଞ୍ଚଳ କରିଦେବ । ପରେ ଦେଖିଲେ ପ୍ରତିମା ଅଗ୍ନି-ହି, ଦେଖି ଗଲେ । ମନ ମଧ୍ୟ ସେଥିରେ ସମ୍ମତ ଅଛି ।

ଏ ସମସ୍ତ ବିଚାର କରି ରଞ୍ଜିତ ବାବୁ ବିବାହରେ ନିଜର ମତ ଦେଲେ । ସେ କହିଲେ ପ୍ରତିମା ଦେବୀ ହିଁ ପ୍ରକୃତରେ ତୁମ୍ଭ ଜୀବନର ଉତ୍କଳ ସାଥୀ ହୋଇ ପାରିବେ । ନିହାର ବାବୁଙ୍କ ପରିଅର୍ଦ୍ଧାଙ୍ଗିନୀ ହେବାର ଉପଯୁକ୍ତ ତୁଳନା ହୋଇ ପାରିବେ ସେ । କିନ୍ତୁ ରଞ୍ଜିତ ବାବୁଙ୍କୁ ଭିତର ରହସ୍ୟ ଜଣାନାହିଁ । ତାଙ୍କୁ ମାଲୁମ ନାହିଁ ନିହାର କେତେ ବିଷାଦ ପାଉଛି । ସ୍ନେହର ସଂସାରକୁ ପୂଜା କରି ସେ ଗୃହିଙ୍କୁ ଅନଳରେ ପତଙ୍ଗ ସମ ଝାସ ଦେବ ।

ପତଙ୍ଗ ବୁଝି ପାରେ ନା ଅନଳର ତେଜ । ସ୍ନେହେ—ତାହା କେତ ସୁନ୍ଦର ଜ୍ୱଳନ୍ତ ନିର୍ମଳ ପଦାର୍ଥ । ଅନ୍ଧ ଜଡ଼ ବେଗରେ ଡେଇଁ ପଡ଼େ ତା ଭିତରକୁ । ସେଥିରୁ ଫେରି ଆଉ ପାଇପାରେ ନା । କ୍ଷୁଦ୍ର କୀଟ—ତାର ଅବା ବୁଦ୍ଧି କାହିଁ ବା ବିବେକ କାହିଁ ? ଭବିଷ୍ୟତ ବିପଦ ଓ ଦୁର୍ଗତି ବିଷୟ ଚିନ୍ତା କରିବା ତାର ଶକ୍ତିର ବହିର୍ଭୂତ ।

ନିହାର ମଧ୍ୟ ସେହି ପରି ଭାବରେ ଅନଳରେ ଝାସ ଦେବ । ରଞ୍ଜିତ ତାଙ୍କୁ ସମର୍ପଣ କରି ଅନଳରେ ଆହୁତି ଢାଳି ଦେଉଛନ୍ତି ଅତୀତ ଓ ଭବିଷ୍ୟତର ପ୍ରଶ୍ନ ଆଉ ଉଠୁନାହିଁ

ତାପରେ ନିହାର ଠିକ କରି ନେଲା—ନିଶ୍ଚୟ ପ୍ରତିମାକୁ ସେ ଜୀବନସଙ୍ଗିନୀ କରି ନେବ । ଏଥିରେ ପ୍ରତିମାର କିଛି ଆପତ୍ତି ନାହିଁ କିନ୍ତୁ ବାପାଙ୍କ କଥା, ସେ ଏଥିରେ ରାଜି ହୋଇ ନ ପାରନ୍ତି । ସେ ବିଷୟ ନେଇ ପ୍ରଶ୍ନ ଉଠାଇବା ମଧ୍ୟ ତା ପକ୍ଷରେ ଅସୁନ୍ଦର କଥା ଏଣୁ ତେଣୁ ନାନା କଥା ଭାବି ଶେଷରେ ସେ ପ୍ରତିମା ପାଖକୁ ଲେଖି

ମିଲ୍ ତର ଶେଷ ଚିଠି । ଦୀର୍ଘ ତେତେଦିନର ଦରଦଭରା
ହୃଦୟର ବ୍ୟଥାର କାହାଣୀ ସେ ଖୋଲିଦେଲା ତାର ଚିଠିରେ ।
ଆଶ —ପ୍ରତିମା ତାର ମନୁଷ୍ୟ ଜୀବନରେ ଶାନ୍ତିର ବାରି ସିଞ୍ଚନ କରି
ପାରିବ । ସେହି ଆଶାରେ ହୃଦୟ ତାର ପୁଲକିତ ହୋଇଉଠିଛି ।

ଦୟାଲବଲଭ୍‌ ନମ୍ବର ୨

ସ୍ନେହର ପ୍ରତିମା,

କାହିଁକି ଆଜ ଚିଠିଟା ଲେଖିଲା ବେଳକୁ ହାତ ଥରି ଉଠୁଛି କଲମ ମୁନ ଅଟକି ଯାଉଛି । ଭାବି ପାରୁନି କେତେ ଦୂର ତୁମେ ମୋ କଥାରେ ସନ୍ତୁଷ୍ଟ ହେବ । ମୁଁ ଧନ ସମୃଦ୍ଧ କୂଳରେ ତୁମ ମନରେ ମୁଁ କେବେ କଷ୍ଟ ନ ଦେଇଛି ।

ପ୍ରତିମା! ତୁମେ ମୋତେ ତୁମର ଅନ୍ତର ଖୋଲି କଥା ପଦେ କହିବା ଆଗରୁ ମୁଁ ତୁମକୁ ମୋର ଅନ୍ତରକଥାଟି ଜଣାଉଛି । ସେ ଦିନ ତୁମ ମନରେ କଷ୍ଟ ଆସିଥିବ ଭାବି କ୍ଷଣିକ ପାଇଁ ତୁମକୁ ଗୃହ ଉପରକୁ ଟାଣି ଆଣିଥିଲି । ତୁମର ଅଶ୍ରୁ ବିନ୍ଦୁ ଯେତେବେଳେ ଲକ୍ଷି କରୁଥିଲି ମୋର ବକ୍ଷ ଉପରେ - - - -

ସେ ଅଶ୍ରୁ ଲଭିବନ ନୂତନ ପ୍ରତିମା । ଅନ୍ତରରେ ଚିରଦିନ ଦାଗ ଲାଗିରହିବ । ଯେଉଁଠବେଳେ ରୁମାଲ ଦେହରେ ତୁମର ଲୁହ ପୋଛି ଦେବାକୁ ମୁଁ ଉଦ୍ୟତହେଲି ସେତେବେଳେ ହାତ ଧରିପକାଇ ପାଦେ ତୁମେ ସେଥିରୁ ବାରଣ କରିଥିଲ । ସେହି କ୍ଷଣିକ ପରଶମୋର ଅନ୍ତରରେ ବର୍ତ୍ତମାନ ସୁଦ୍ଧା ଲାଗିରହିଛି । ମନେ ପଡ଼ିଲେ ଆଜି ଦେହ ଶିହରି ଉଠୁଛି ।

କଥାଟା ବୋଧହୁଏ ବୁଝିପାରୁଥିବ ପ୍ରତିମା । ମୋର ପୂର୍ଣ୍ଣ ବିଶ୍ୱାସ ଏଥିରେ ତୁମେ ନ ସନ୍ତୁଷ୍ଟ ହେବ ନାହିଁ । ମା ଙ୍କର ବି କିଛି ଆପତ୍ତି ନାହିଁ ।

ପତ୍ର ଅପେକ୍ଷାରେ ରହିଲି । ନିରାଶ କରିବ ନାହିଁ । ଇତି ।

ତୁମର ଚିର

ହୃଦୟ ସଖା

ଚିଠି ଲେଖି ନାହାର ଚିଠିଟା ଅଜୟ୍ ଙ୍କ ହାତକୁ ବଢାଇ ଦେଲା । ତୃପ୍ତମନାଇ ଅଜୟ ଙ୍କ ଗୁଡ଼ିକ ଛାଡ଼ି ଘରକୁ । ଏଇକେତେ ଦିନ ଭିତରେ ନାହାର ଅଜୟଙ୍କୁ ଦୋସ୍ତ ବନାଇ ନେଇଛି । ପାଖରେ ଅସ୍ତ ଛୁଟା ନହେଲେ ମିଳେ ବକ୍‌ସିସ୍ । କଥା ପ୍ରସଙ୍ଗରେ ଅଜୟ୍ କହ ପକାଏ —

ସାନବକୁ ଅମର ହାତ ଲଭିମନା । ଅନ୍ୟମାନଙ୍କ ପରି ସେ ଏତେ ଧନ ଲାଳସୀ ନୁହନ୍ତି ।

ପ୍ରଭାତଙ୍କ ଚିଠି ଫେରାଇ ଦେଇ ଅଜୟ୍ ଚାଲିଆସିଲା । ପ୍ରଭା ଅଜୟଙ୍କ ମନୁଷ୍ୟତ୍ୱର କଥା ଭାବୁଥିଲେ ଚିଠିଟା ଖୋଲିବା ପୂର୍ବରୁ କରି ପରେ ଅଙ୍କିତ ହୋଇଥିବା ବାସ୍ତବତା ଉପରେ ସେ ନିର୍ନିମେଷ ନୟନରେ ଅନାଇରହିଲା ।

ନୂତନ ଉଦ୍ୟାନର ଗଣ୍ଡିଏ କୋଣ । ଉପରେ ଫୁଟିଛି ଫୁଲଗୁ ତରୁଣ ତରୁଣୀଙ୍କ ମିଳନ । ତରୁଣ ଜଣକ ହାତ ବଢାଇ ଗୁଲଛଡ଼ି ଅଗରୁ । ତରୁଣୀ କ୍ରମଶଃ ନାକଟିକୁ ଅପି ପୁଣି ଗୁଲଫୁଲ ଭଳି ଫୁଲକୁ ଦେଖି ଦଗ୍ ବଳୟରର ଲକ୍ଷ୍ମୀ ଯାଉଛି ନର ପତ୍ର ମିଳୁନି ।

ପର ମୁହୂର୍ତ୍ତରେ ପୁଣି ତରୁଣୀଙ୍କ ନିର୍ଦ୍ଦେଶ ମିଳୁଛି । ତରୁ ହସ ହସ ମୁହଁରେ ଟେକି ଦେଉଛି ହସ୍ତଟି ତାର ସ୍ୱର୍ଣ୍ଣ ଫୁ ଯୁବକଙ୍କ ଅଙ୍ଗକୁ । କିନ୍ତୁ ଯୁବକ ନାରବରଣୀ ହେବା ଯାହେ ତାର ହସ୍ତକୁ ଠେଲି ଦେଉଛି ବହୁ ଉପରକୁ । ଯୁବକ ଜଣକ ଏ ନମ୍ରମତି ହୋଇ ପଡ଼ିଛନ୍ତି ଯେ ତାଙ୍କ ଅନ୍ତ ବାହ୍ଣୁ ଦେଖାଯାଉନି

ପ୍ରଭାତ ବୁଝି ପାରେନି ନାହିଁ ଏଥିର ରହସ୍ୟ । ନିଜେ

ନିହାର ଏହାକୁ ଆଙ୍କିଲା । ପ୍ରଥମ ପ୍ରକୃତି ଗଢ଼ିଲା । ମନେ ମନେ ଭାବିଲା ଏ କେଉଁ ତରୁଣ ଶିଳ୍ପୀଙ୍କର ଆତ୍ମ ପ୍ରକାଶ ? ନିଜର ଛବିଏ ନିହାର ବାବୁଙ୍କ ଜୀବନର ନବ ପ୍ରତିଫଳିତ ହୋଇ ଥିବାରୁ ସେ ଅନୁଭବ କରିପାରିଲା । ସଙ୍ଗେ ସଙ୍ଗେ ଚିଠି ଲେଖା ଆରମ୍ଭ ହେଲା ।

ପ୍ରମୋଦ କୁଟୀର

ପ୍ରିୟ ନିହାର ବାବୁ,

ଚିଠି ଲେଖିବାର ଆଉ ଦରକାର ପଡ଼ୁନି । ଦୁନିଆରେ ମୁଁ ଆପଣଙ୍କୁ କେଉଁଠି ଦେଇପାରେ ? ମୋ ଠାରେ ଆପଣଙ୍କର ବା କି ଅନୁରୋଧ । ମୁଁ ଯେ ସବୁ ବେଳେ ଆପଣଙ୍କ ଅନୁଗତା । ଆପଣଙ୍କ ସାହସରେ ମୁଁ ସାହସ କରି ବସିଲି ସୁନାର ନୀଡ଼ ରଚନା କରିବାକୁ । ସୁନାର ଅଟ୍ଟାଳ ତଳେ ଅତୀତ ଗଢ଼ି ଦେବା ଅମର ଭବିଷ୍ୟତର ସୁନେଲି ସଂସାର । ପ୍ରେମର କାଞ୍ଚନ ପରଶରେ ସୃଷ୍ଟି ଆଡ଼େ ଫୁଟି ଉଠିବ ମୁକ୍ତା । ସେ ଗୁଣକୁ କେବଳ ଉପଭୋଗ କରିବା ଆମେ ଦୁହେଁ । ମାଆଙ୍କୁ ମୁଁ ଜଣାଇଥିଲି କହିଛି । ତାଙ୍କର କଥାରୁ ମୁଁ ଜାଣିପାରିଲି ଏ ବିଷୟରେ ତାଙ୍କ ସମ୍ମତି କି ନା ।

ଆପଣଙ୍କୁ ପାଇଲେ ତାଙ୍କ ଜୀବନର ଏକ ବିଶେଷ ଅଭାବ ଦୂର ହୋଇଯିବ । ଆଉ ଅଧିକ ଲେଖିବା ଅନାବଶ୍ୟକ । ଇତି ।

- - - - -

ଆପଣଙ୍କର

ଚରଣ ସେବିକା

ନିହାର ଚିଠିଟା ଖୋଲି ପଢ଼ିଲା । ଚିଠି ସଙ୍ଗରେ ଗୋଟିଏ କାଗଜରେ ପ୍ରତିମା ଦେଇଛି ନିହାରର ଅଙ୍କିତ ପ୍ରତ୍ୟୁତ୍ତର । ନିହାରର ଚିଠିରୁ ସେ ତାର ମନସ୍ତତ୍ତ୍ୱର ପରିଚୟ ପାଇ ପାରିଥିଲା । ନିଜେ ସେ ଯେ ଶିଳ୍ପୀ । ଶିଳ୍ପୀ କେବଳ ଶିଳ୍ପଗୁରୁଙ୍କ ଓ କଳାକୌଶଳକୁ

ପ୍ରକୃତରେ ଦୃଷ୍ଟି ମାରିଥାଏ । ସେ ସାଧାରଣ ଦର୍ଶକଙ୍କ ଭଳି କଳାର ନଗ୍ନସୌନ୍ଦର୍ଯ୍ୟରେ ଭୁଲି ବିହ୍ୱଳ ହୋଇ ପଡ଼ି ନଥାଏ । ତାର ସୂକ୍ଷ୍ମ ଦୃଷ୍ଟି କଳାର ଭିତରେ ଭିତରେ ପ୍ରବେଶ କରିଥାଏ ।

ସେଥିପାଇଁ ପ୍ରତିମା ମଧ୍ୟ ନିହାର ପାଖକୁ ଦେଇ ପାରିଛି ଆଜି ଏହି ଅପ୍ରତ୍ୟକ୍ଷ ଉତ୍ତର । ନିହାର ଛବିଟି ଦେଖି ବୁଝି ପାରିଲା ପ୍ରତିମାର ଅନ୍ତରର କଥା । ଶତେଷ୍ଟ ପଡ଼ି ନ ହସି ସେ ରହିପାରିଲା ନାହିଁ ।

ପ୍ରତିମା ଆଜି ନିହାରକୁ ଦେବତା ଆସନରେ ଆସୀନ କରି ନେଇଛି । ପ୍ରେମ ମନ୍ଦିରରେ ଆରାଧ୍ୟ ଦେବତା ରୂପେ ବସିଛନ୍ତି ଜଣେ ଦିବ୍ୟଜ୍ୟୋତି ମହାପୁରୁଷ । ଧୂପ, ଦୀପ, ଓ ପୁଷ୍ପ ସମ୍ଭାରରେ ମନ୍ଦିର ପୂର୍ଣ୍ଣ ହୋଇଛି । ଦେବତାଙ୍କ ପାଖରେ ବସିଛନ୍ତି ପ୍ରେମ ଜର୍ଜ୍ଜରିତା ଜଣେ ସଲଜ୍ଜା ତରୁଣୀ । ସଭକ୍ତି ଚିତ୍ତରେ ସେ ଟେକି ଦେଇଛନ୍ତି ଅର୍ଘ୍ୟ । ଦେବତା ସହାସ ବଦନରେ ତୋଳି ନେଇଛନ୍ତି ତାହା !

କିନ୍ତୁ ଅପରଦିନରେ ଘଟିଲା ଏହାର ବିପର୍ଯ୍ୟୟ । ମନ୍ଦିରଦ୍ୱାର ଉନ୍ମୁକ୍ତ । ଦେବତାଙ୍କର ଚିତ୍ତବିଭ୍ରମ ଘଟିଛି । ମାତ୍ର ଭକ୍ତ ବତ୍ସଳା ଅଟଳ ଓ ଅଚଳ ଅବସ୍ଥାରେ ଦୁଆର ମୁହଁରେ ନିପତିତ । ତାଙ୍କର ଆଶା ଦେବତାଙ୍କ ଆବିର୍ଭାବ ଅବଶ୍ୟମ୍ଭାବୀ । ଭକ୍ତର ଦୃଢ଼ତା ଓ ନୈତିକ ବଳ ପରୀକ୍ଷା ପାଇଁ ଦେବତାଙ୍କ ଏହି ଚିତ୍ତବିଭ୍ରମ— କ୍ଷଣିକ ପାଇଁ ।

ନିହାର ତରିକା ମତି ସାବଧାନରେ ଖୁବ୍ ମନଯୋଗ ସହିତ ପ୍ରତିମାର ଆଙ୍କିଥିବା ଏ ଛବିଟିକୁ ନିରେଖି ଦେଖିଲା । ବୁଝିପାରିଲା ନାହିଁ ତାହା ପ୍ରତିମାର ନିଜର ଅର୍ଥ ବୋଲି । ପ୍ରତିମା ପରେ ରହିଲା ଦିନଠାରୁ ଚିତ୍ର ବିଦ୍ୟାରେ ଦ୍ରୁତ ଆଗେଇ ଯାଇଥିବାର ପରିଚୟ ପାଇଲା ସେ ଏହି ଛବିରୁ !

ନିହାର ପ୍ରତିମାର ଶବର ଏହି ଦାର୍ଶନିକ ତଥ୍ୟ ଅବସ୍ଥାର ରିବର୍ତ୍ତନରେ ବ୍ୟସ୍ତ ଅଛି ହଠାତ୍ ପୋଷ୍ଟ ପିଅନ୍ ଆସି ହାଜର ହେଲା ଚାକର ଚୋକା ପିଅନ୍ ଠାରୁ ଚିଠିଟା ଆଣି ବାବୁଙ୍କ ହାତକୁ ବଢ଼ାଇ ଦେଲା ।

ନିହାର ଚିଠିଟା ଖୋଲି ପଢ଼ିଲା ।

କନକ ଦେଉଳ ପୁର
କଟକ

ଆଦରର ନିହୁ ମୋର,

ସତେ କଅଣ ବାପ, ମାକୁ ତୋର ଏତେ ଚଞ୍ଚଳ ଭୁଲି ଗଲୁ ? ମୁଁ ଜୀବନଧରି ବଞ୍ଚିରହିବାରେ ଲାଭ କଅଣ ? ମୁଁ କେତେ ଭାଗିନୀ ସତେ । ସ୍ୱାମୀଙ୍କୁ ଖାଇଦେଇ ଛଅମାସ ହେଲା ପୋଡ଼ା ପାଳକୁ ଧରି ଜଗିବସିଛି । ତୋର ମଧ୍ୟ ଟିକିଏ ହେଲେ ଦୟା ନାହିଁ । ଟୁନିଟି ତୋର ସବୁବେଳେ ବାପା ବାପା ହୋଇ ଝୁରୁଛି । ତୁ ଏତେ ନିଷ୍ଠୁର ।

ତୁ ଗଲିଗଲା ପରେ ବାପା କେତେ କେତେ ଖୋଜିଛନ୍ତି । ନ ପତ୍ରିକାରେ କେତେ ବିଜ୍ଞାପନ ଛାପିଛନ୍ତି । ଶେଷରେ କିଛି ପତ୍ତା ନପାଇ ନୀରବ ରହିଲେ । ମୁଁ ତ ମାଇପି ଲୋକ । କଅଣ ଅବା କରନ୍ତି ? ସନତ ଠାରୁ ତୋ କଥା ସମସ୍ତ ଶୁଣିଲି । ଭଲ ଭାବରେ ଅଛୁ ଶୁଣି ମନରେ ଟିକିଏ ଆଶ୍ୱସ୍ତି ଆସିଲା । ହେଲେ ତୁ ନ ଆସିବା ପର୍ଯ୍ୟନ୍ତ ମନରେ ମୋର ଶାନ୍ତି ନାହିଁ ।

ଦୟାକରି ଆସିବୁ ଯଦି ମା ଠାରେ ତୋର ଲୋଭ ଅଛି । ଇତି ।

ତୋର ଶୁଭ କାଂକ୍ଷୀ
ମା

ନିହାର ବିଶ୍ୱାସ କରି ପାରିଲା ନାହିଁ—ଏଇଟା ତାର ମା ର ଚିଠି ବୋଲି । ଘରେ କିପରି ତାର ଖବର ପାଇଲେ । ହାତରୁ ଚିଠି ଖଣ୍ଡିକ ତଳେ ଖସି ପଡ଼ିଲା । ବାପା ଯେ ଇହ ଧାମରେ ଆଉ ନାହାନ୍ତି । ତାହାର ପାଇଁ ଝୁରି ଝୁରି କଣ୍ଢା ହୋଇ ଶେଷରେ ଆଖି ବୁଜି ଦେଇଗଲେ । ଅଭାଗା ସେ ମଲାବେଳେ ତାଙ୍କୁ ଟିକିଏ ଦେଖି ପାରିଲା ନାହିଁ ।

ଏହି କଥା ଭାବି ମନରେ ଆଉ ତାର ଶାନ୍ତି ରହିଲା ନାହିଁ । ସେହି ମୁହୂର୍ତ୍ତରେ ଘରକୁ ଉଡ଼ି ପଳାଇ ବାକୁ ଇଚ୍ଛା ହେଲା । ମନେ ମନେ ଭାବିଲା ମା'ର ଗୋଡ଼ ତଳେ ପଡ଼ି ସେ ତାର ଦୋଷ ପାଇଁ କ୍ଷମା ମାଗି ନିଅନ୍ତା । ସାନ ଝିଅ ଟୁନିକୁ ଟେକି ଆଣନ୍ତା କୋଳକୁ ତାର ।

+ + + +

ଏହିପରି ଅତୀତର କେତେ ଦୁଃଖପୂର୍ଣ୍ଣ ଚିତ୍ର ଗୋଟିକ ପରେ ଗୋଟିଏ ନାଚିଯାଏ ତା ଆଖି ଆଗରେ । ଅନେକ ସମୟରେ ଏହି ଚିନ୍ତାରେ ସେ ବିବ୍ରତ ହୋଇ ପଡ଼େ । ମାତ୍ର ସେ ସବୁ କୁଆଡ଼େ ପୁଣି ଉଭେଇ ଯାଏ । ପ୍ରତିମାର କୁଙ୍କୁମ ପୂର୍ଣ୍ଣ ଧବଳ ଚନ୍ଦ୍ର ଭଳି ବଦନ ମୁକୁରରେ ସେ ଦେଖିବାକୁ ପାଏ ଭବିଷ୍ୟତର ସୁନେଲି ରୂପଛଟା । ଅତୀତର ବିଷାଦପୂର୍ଣ୍ଣ ଶୋକଭରା ଛବି ନେତ୍ରପଟରୁ ଅପସରି ଯାଏ ।

ନିହାର ଭାବେ—ତାକୁ ଯେ ଭାଇ, ବାପ ମାଆ କୁଟୁମ୍ବସମସ୍ତଙ୍କୁ ଛାଡ଼ିବାକୁ ହେବ । ସମାଜକୁ ସେ ଭ୍ରୂକ୍ଷେପ କରେ ନା । ନୂଆ ସଂସାର ଗଢ଼ିବାକୁ ପ୍ରତିମା ନିକଟରେ ସେ ପ୍ରତିଜ୍ଞା କରି ନେଇଛି । ସେହି ପ୍ରତିଜ୍ଞା ଅନୁସାରେ ତାକୁ କାର୍ଯ୍ୟ କରିବାକୁ ପଡ଼ିବ । ବାପା ତାର ଭୁଲି ଯାଇଛନ୍ତି । ଦୁନିଆର ଏ ନିତ୍ୟ ନିୟମ । ସେଥିରେ ଅନୂ

ଶୋଚନା କରିବାର କାରଣ କିଛି ନାହିଁ । ଏହାପରେ ନାନା କଥାଭାବି ବି ସେ ତାର ନୂତନ ସଂସାରରେ ଭାସି ବୁଲେ ।

ମାଙ୍କର ଚିଠିଟାପାଇ ନିହାର ମନରେ ଆଉ ସ୍ଥିରତା ନଥିଲା । ଚିଠିଟା ପଢ଼ିବାରେ ବ୍ୟସ୍ତ ଥିବା ବେଳେ କେତେବେଳୁ ପ୍ରଥମାର ଚିଠିଟା ପକେଟରେ ଖସି ଯାଇଛି ନିହାରର ଆଉ ମନେ ନାହିଁ । ସେ ଗଣ୍ଡିକ ଯାଇ ମିନତୀ ଦେବୀଙ୍କ ହାବୁଡରେ ପଡ଼ିଲା । ସେ ତାହା ସାଇତି ରଖିଲେ—ଦୟାଳ ବାବୁଙ୍କୁ ଦେଖାଇବା ଉଦ୍ଦେଶ୍ୟରେ । ଦୟାଳ ବାବୁ ଚିଠିଟା ପଢି ମନେ ମନେ ବିରକ୍ତ ହୋଇ ପଡିଲେ । ନିହାରର ଏ ଗୁପ୍ତ ପ୍ରେମ ଅଭିଯାନର ବୃତ୍ତାନ୍ତ ପାଇ ମନଟା ତାଙ୍କର କିଏ ଦବିଗଲା । ବିଶ୍ୱାସ କରି ପାରିଲେ ନାହିଁ ତାହା ନିହାରର ଖି ।

ସେ ଭାବିଲେ ନିହାରର ଚରିତ୍ର ସଂପୂର୍ଣ୍ଣ ଭଲ । ପୂର୍ଣ୍ଣ ବିଶ୍ୱାସ ଧ୍ୟ କରୁଥିଲେ ସେ ତାକୁ । ସେ ପୁଣି ତାଙ୍କଠାରେ ଏ ଶ୍ୱାସ ଘାତକତା କରିବା ଅସମ୍ଭବ । କିନ୍ତୁ ଏ ଯେ ସ୍ପଷ୍ଟ ପ୍ରମାଣ । ଜ ଅଖିଟାକୁ ସେ ଅବିଶ୍ୱାସ କରି ପାରିଲେ ନାହିଁ । ଠିକ କଲେ ହାରକୁ ପାଖକୁ ଡ଼ାକି କୈଫିୟତ ବୁଝିବେ । ଚାକର ଯାଇ ଖବର ଦେଲା ।

ନିହାର ବୈଠକ ଖାନାକୁ ପଶି ଯାଇ ଦେଖିଲା ବାବାଙ୍କ ହାତରେ ପ୍ରଥମାର ସେହି ଚିଠିଟା ଦେଖି ମୁଣ୍ଡ ତାର ଥରି ଉଠିଲା । ଚୋରଙ୍କ ପରି ଯାଇ ଦୟାଳ ବାବୁଙ୍କ ଆଗରେ ଠିଆ ହେଲା ।

ବାବୁ କହିଲେ "ନିହାର ଅନ୍ନ ଏତେ ଦିନର ଆଦର, ସ୍ନେହ ସୋହାଗର ଉପଯୁକ୍ତ ପୁରସ୍କାର ଦେଇଛ ତୁମେ । କଥା ପଦକ କହି ଅଖିରୁ ତାଙ୍କର ଦୁଇଧାର ଲୁହ ଗଡ଼ି ପଡ଼ିଲା ।

କିନ୍ତୁ ନିହାର ଯେ ପ୍ରତିମାକୁ ଠିକ୍ କରି ନେଇଛି ତାର ଜୀବନ ସଙ୍ଗିନୀ ରୂପେ । ତାର ପାଇଁ ପ୍ରତିମା ସହିଛି କେତେ ନିନ୍ଦା ଓ ଅପବାଦ । ତା ବନ୍ଧୁଙ୍କରେ ହଜାର ହଜାର ପାମ୍ପ ଲେଟ୍ ସବୁ ହୋଇଛି । ପ୍ରତିମା ସେ ସବୁ ମୁଣ୍ଡ ପୋତି ସହି ନେଇଛି । ତା'ଠାରେ ସେ ଏତେ ବିଶ୍ୱାସଘାତକତା ଦେଇ ପାରିବ ନାହିଁ ।

ମୋର ପାଇଁ ଯେଉଁ ପ୍ରତିମା ସମାଜରେ ନିନ୍ଦା ଓ ଅପବାଦକୁ ଭ୍ରୂକ୍ଷେପ ନ କରି ତାର ଉଜ୍ଜ୍ୱଳ ଭବିଷ୍ୟତ ଜୀବନକୁ ଜଳାଞ୍ଜଳି ଦେଇ ମୋ ଜୀବନର ଅନୁଗାମିନୀ ହୋଇଛି ସମ୍ମୁଖରେ କିପରି ଅବା ମୁଁ କାପୁରୁଷତା ଓ ନୀଚତାର ପରିଚୟ ଦେବି ? ଏହା ମୋ ପକ୍ଷରେ ଅସମ୍ଭବ ଏଠା । ମୁଁ ଏହା କରି ପାରିବନାହିଁ ।

ଏତକ କହି ପକାଇ ନିହାର ଚାଲି ଆସିଲା ତାର ହୋଟେଲକୁ । ଦୟାଲବାବୁ ଦେଖିଲେ ନିହାର ଯେ ଟଳିବାର ନୁହେଁ । ମନେ ମନେ କେତେ କଥା ସେ ଭାବିଲେ । ନିହାରର ଏହି କାର୍ଯ୍ୟ ପାଇଁ ଶେଠ ଗୋବିନ୍ଦ ଦାସଙ୍କ ଠାରେ ତାଙ୍କୁ ଅପ୍ରିୟ ହେବାକୁ ପଡ଼ିବ ।

କେତେଦିନ ହେଲା ନିହାରର ବିବାହ ବିଷୟ ନେଇ ସେ ଗୋବିନ୍ଦ ଦାସଙ୍କ ସହିତ କଥାବାର୍ତ୍ତା ହୋଇ ସବୁ ଠିକ୍ କରି ନେଇଥିଲେ । ଅବଶ୍ୟ ନିହାରର ଅଜ୍ଞାତସାରରେ । ଦୟାଲ୍ ବାବୁ କେତେଥର ଗୋବିନ୍ଦ ଦାସଙ୍କ ଘରକୁ ଯାଇ କନ୍ୟାକୁ ଦେଖି ଆସି-ଛନ୍ତି । ଝିଅଟି ତାଙ୍କର ବେଶ ମନକୁ ପାଇଛି । ଅଧୁନିକ ଶିକ୍ଷିତ ସମାଜରେ ବଢ଼ି ଆସିଛି । ଦୟାଲବାବୁ ନିହାରର କେତେଖଣ୍ଡ ଫଟୋ ମଧ୍ୟ ତାଙ୍କ ପାଖକୁ ପଠାଇ ଦେଇଛନ୍ତି ।

ସେ ଯାଗାରେ ବିବାହ ହେଲା ତାଙ୍କର ପୁଅ ଇଚ୍ଛା କାହିଁକି ନ ଶେଠ ଗୋବିନ୍ଦ ଦାସଙ୍କ ଠାରୁ ସେ ପାଇବେ ଗୋଟିଏ ବୃହତ୍ ... ସମସ୍ତ ସ୍ୱତ୍ୱ । ନିହାର ହେବ ସେଥିର ମାଲିକ । ତା ଛଡ଼ା ନଗଦ

ଲକ୍ଷ ଟଙ୍କାର ନଗଦ ଚେକ୍ ମିଳିବ । ଦୟାଲବାବୁ ବହୁ ଆଗରୁ ମସ୍ତ ପ୍ଲାନ କରି ନେଇ ଛନ୍ତି । ନିହାରର ହାତକୁ ଦୁଇହାତ କରି ଦେଲେ ସମ୍ପତ୍ତିର ଅଧା ତା ନାମରେ ଉଇଲ୍ କରି ଦେବେ । ଯୁ ତରେ ସେ ନିହାରକୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରି ନେବାକୁ ପ୍ରସ୍ତୁତ ଥିଲେ ।

ସେଇଥି ପାଇଁ ନିହାର ବହୁଦିନରୁ ତାର ନାମଟା ବଦଳେଇ ଦେଇଛନ୍ତି 'ଦୟାଲ ସିଂ ରଞ୍ଜନ' ବୋଲି ।

ମାତ୍ର ଏ ସମସ୍ତ ସୁଯୋଗ ସେ ନିଜ ହାତରେ ହରାଇଲା । ମସ୍ତଙ୍କର କଥା ତାକୁ ବିଷ ବତ୍ ବୋଧ ହେଲା । କେବଳ ପ୍ରତିମାର ଉଳ ସୌମ୍ୟ ମୂର୍ତ୍ତି ତାର ଏକମାତ୍ର ଚିନ୍ତା ବସ୍ତୁ ହୋଇ ପଡ଼ିଲା । ଦୟାଲବାବୁ କେତେ ବୁଝାଇଲେ । ମିନତୀ ଦେବୀ କାନ୍ଦି କାନ୍ଦି ଥକି ଗଲେ । ଦୁଇଜଣଙ୍କ ମନରେ ଭାରି ଦୁଃଖ । କିନ୍ତୁ ସେ ସବୁକୁ ନିହାର କର୍ଣ୍ଣପାତ କଲା ନାହିଁ ।

ସେ ଯୌତୁକ ଚାହେଁନା । ତାର ମତ—ପ୍ରେମ ଅର୍ଥର ବିନି-ମୟରେ ମିଳେ ନାହିଁ । ପ୍ରକୃତ ପ୍ରେମ କେବଳ ସମ୍ଭବ ଅନ୍ତର ଓ ଅନ୍ତରର ସାମିପ୍ୟ ଏବଂ ଅନ୍ତର ଓ ଅନ୍ତରର ବିନିମୟରେ । ପ୍ରତିମାକୁ ସେ ତାର ଜୀବନର ଚିରସଙ୍ଗିନୀ କରି ନେଇଛି । ସେଥିରେ ପାଇଛି ସେ ସ୍ୱର୍ଗୀୟ ସମ୍ପଦ । ପାର୍ଥିବ ସମ୍ପଦରେ ତାର ଲୋଡ଼ା ନାହିଁ ।

ଯାହାକୁ ସେ ବାଛି ନେଇଛି ନିଜର ପତ୍ନୀ ରୂପେ । ସେ କେବଳ ତାର ଜୀବନ ମରୁରେ ସିଞ୍ଚିଦେବ ଶାନ୍ତି ବାରି । ସ୍ନେହ ଶୀତଳ ବାରି କଣାରେ ତପ୍ତ ହୃଦୟ ତାର ଶୀତଳ ଉଠିବ ।

ଦୟାଲ ବାବୁ ଯେ ଏଥିର ସଂପୂର୍ଣ୍ଣ ବିରୋଧୀ ତାଙ୍କ ପରି ଜାତିପତି ଶେଠଙ୍କର ମର୍ଯ୍ୟାଦା ଓ ସମ୍ମାନକୁ ସେ ତଳେ ପକାଇ ଦେବାକୁ ଚାହାନ୍ତି ନାହିଁ । ପ୍ରତିମା ଯେ ସାମାନ୍ୟ ଗୋଟାଏ କିର୍ସନ

ହୈପ। ତାହାକୁ ବିବାହ କରିବା ଅର୍ଥ ନିଜ ନାମରେ କଳଙ୍କ ଲଗାଇବା।

ଦୟାଲବାବୁ କହିଲେ ସେ ଏତେବଡ଼ କଳଙ୍କକୁ ପ୍ରଶ୍ରୟଦେଇ ପାରିବେ ନାହିଁ। ଏପରି ଅସଂଗତ ବିବାହରୁ ତାଙ୍କୁ କ୍ଷାନ୍ତ ହେବାକୁ ପଡ଼ିବ।

ନିହାର ଟିକିଏ ଗମ୍ଭୀର ଗଳାରେ ଉତ୍ତର ଦେଲା ସେ ଏତେ ଦୁର୍ବଳ ନୁହେ। ସାମାନ୍ୟ ଗୋଟାଏ କଥାପାଇଁ ଜଣେ ସରଳା ଅବଳାକୁ ଆଶାଦେଇ ତାକୁ ନିରାଶ କରିପାରିବ ନାହିଁ ସେ। ପ୍ରତିମା କେତେ ବିଶ୍ୱାସ କରିଛି ତାକୁ। ତା ଉପରେ ସାରା ଜୀବନର ଆଶା ଭରସା ସେ ଢାଳି ଦେଇଛି। ନିହାର ମଣିଷ ହୋଇ କିପରି ତାକୁ ବିଶ୍ୱାସରେ କଷ୍ଟ ଦେବ ? ନା ସେ ତାହା କରି ପାରିବ ନାହିଁ।

ନିହାର ଏହାପରେ ସ୍ଥିର କରି ନେଲା। ଦୟାଲବାବୁ ତା ଜୀବନର ପ୍ରେମପଥରେ ଏକମାତ୍ର କଣ୍ଟକ। ଲକ୍ଷ ପଥରେ ନିଷ୍କଣ୍ଟ ରହିବାର ଯଦି ଇଚ୍ଛା ତାକୁ ବାଧ୍ୟ ହୋଇ ଦୟାଳ ବାବୁଙ୍କ ଘ ଛାଡ଼ିବାକୁ ପଡ଼ିବ। ଏହା ଭାବି ସେ ତାଙ୍କ ଘରୁ ବାହାରି ଗଲା ଅନ୍ୟତ୍ର।

ତା ମନରେ ଭାରି ଖୁସି। ସେ ବର୍ତ୍ତିମାନ ମୁକ୍ତ। ପ୍ରେମପଥ ତା ପରିଷ୍କାର ହୋଇ ଯାଇଛି। ତାହାକୁ ଭ୍ରଷ୍ଟ କରିବାକୁ ଦୁନିଆରେ ଆ କେହି ନାହିଁ

× × × × ×

କେତେଦିନ ହେଲା ନିହାର ଓ ପ୍ରତିମା ଗଢ଼ି ଦେଇଛି ସେମାନଙ୍କର ନୂତନ ସଂସାର। କୁଳାଟି ପକ୍ଷୀ ଆକାଶର କୋ ଅଜଣା କୋଣରେ ବାନ୍ଧିଛନ୍ତି ସେମାନଙ୍କର ନୀଡ଼। ଆକାଶର ତ ଷହୃ ଗାଏ। କେତେବେଳେ ମହଜାଏ। ପୁଣି ପର ମୁହୂର୍ତ୍ତରେ ଜା

ଉଠେ । କିନ୍ତୁ ଏ ଦୁହିଙ୍କର ପ୍ରେମ ଯେ ଅସମ୍ପୂର୍ଣ୍ଣ । ବରଂ କ୍ରମେ କ୍ରମେ ତାହା ବଢ଼ି ଚାଲିଛି ।

ନୀହାର ଆସିବା ଦିନଠୁ ପ୍ରତିମାଘର ଜୀବନ୍ତ ହୋଇ ଉଠିଛି । ପ୍ରତ୍ୟେକ ଜିନିଷରେ ଫୁଟି ଉଠିଛି ନୂତନତ୍ୱ । ପ୍ରତିମା ଧୀରେ ନୀହାର ଆଡ଼ି ପାରୁଛି ପ୍ରକୃତ ସରସତା । ନିର୍ମଳାଦେବୀ ମଧ୍ୟ ବେଶ୍ ଆଶ୍ୱସ୍ତି ଲାଭ କରୁଛନ୍ତି । ତାଙ୍କର ଇଚ୍ଛା ଭଗବାନ କିପରି ନୀହାର ଓ ପ୍ରତିମାର ଜୀବନକୁ ସୁଖମୟ କରନ୍ତୁ । ଦିନ ଗୁଡ଼ାକ ସେମାନଙ୍କରଖୁବ୍ ମଉଜରେ କଟେ ।

ଦୟାଲ ବାବୁଙ୍କ ଘରୁ ଆସିବା ଦିନଠାରୁ ନୀହାରର ସ୍କୁଲକୁ ଯିବାର ବନ୍ଦହେଲା । ସେ ଆଉଆଉ ସ୍କୁଲରଛାତ୍ରନୁହେଁ । ପଢ଼ିବାରେ ତାର ଆଉ ଇଚ୍ଛାନାହିଁ । ପ୍ରତିମା କେତେଥର ବାଧ୍ୟକଲା ତାକୁ ଆଉ ଥରେ ପଢ଼ିଯିବାକୁ । ଅନ୍ତତଃ କୋର୍ସଟା ଶେଷ କରିଦେଲେ ତା ପକ୍ଷରେ ଗୁଡ୍ ଭଲ ।

ପ୍ରତିମା ଘରେ ପଇସାର କିଛି ଅଭାବ ନଥିଲା । ବାପା ମରିଯିବା ପୂର୍ବରୁ ତା ନାଁରେ ଦଶହଜାର ଟଙ୍କା ବ୍ୟାଙ୍କରେ ଜମା କରି ଯାଇଥିଲେ । ସେଥିରେ ସେମାନେ ଅତି ସୁରୁଖୁରୁରେ ଚଳି ଯାଉଛନ୍ତି ।

କିନ୍ତୁ ନୀହାର ମନ କଲା — ପଢ଼ିବାରେ ମୋର ଆଉ ଧୈର୍ଯ୍ୟ ନାହିଁ । ମୋଟ ଉପରେ ସାଙ୍ଗ ପିଲାଙ୍କ ଅଚ୍ଛା ପରିହାସକୁ ସହିନେବା ପାଇଁ ଛାତିପଥର କରିନେବାର ମୋର ଆଉ ସାହସ ନାହିଁ ।

ଖାଲି ବସି ରହିବା ଅପେକ୍ଷା କିଛିନା କିଛି ଗୋଟେ ଏ କାମରେ ଲାଗିବା ପାଇଁ ସେମାନେ ମନସ୍ଥ କଲେ । ବସିବା ଅପେକ୍ଷା ଖାଟିବା ଭଲ, ଏହି ନୀତିକୁ ଅବଲମ୍ବନ କରି ସେମାନେ ଆରମ୍ଭ କରିଦେଲେ ଗୋଟାଏ ବ୍ୟବସାୟ । ଟଙ୍କାଧନର କିଛି ଅଭାବ ନଥିଲା । ବ୍ୟାଙ୍କରୁ

ଟଙ୍କା ଅଣା ଯାଇ ବ୍ୟବସାୟରେ ଲଗାଗଲା । ଘର ସାମନାରେ ସଣ୍ଡ୍ରିଜ ଦୋମହଲା କୋଠା ଭଡ଼ା ନେଇ ଦୋକାନ ଆରମ୍ଭ ହେଲା ।

ନୂଆନୂଆ ନିହାରବାବୁ ବେଶ ଆଗ୍ରହ ନେଇ ବ୍ୟବସାୟରେ ଲାଗିପଡ଼ିଲେ । ତାଙ୍କର ଆଉ ଫୁରସତ୍ ନଥାଏ । ପ୍ରତିମା ମଧ୍ୟ ଅନେକ ସମୟରେ ଯାଇ ତାଙ୍କୁ ହିସାବ କିତାବରେ ସାହାଯ୍ୟ କରନ୍ତି । କ୍ରମେ କ୍ରମେ ଦୋକାନଟିର ଆୟ ବଢ଼ିଚାଲିଲା । ବେଶ୍ ଆଧୁନିକ ଧରଣର ସଣ୍ଡ୍ରିଜ ଦୋକାନ । କୌଣସି ଜିନିଷର ଅଭାବ ନାହିଁ । ପ୍ରତିମା ଦେବୀଙ୍କ ନାମ ଅନୁସାରେ ଦୋକାନଟିର ନାମ ରଖା ଯାଇଛି — ପ୍ରତିମା ଷ୍ଟୋର ।

ଅଳ୍ପ କେତେ ମାସ ଭିତରେ ଦୋକାନଟିର ପରିସର ଏତେ ବଢ଼ିଗଲା ଯେ ବିଭିନ୍ନ ସହରରେ ଭିନ୍ନ ଭିନ୍ନ ଶାଖା ଖୋଲା ଗଲା । ପ୍ରତ୍ୟେକ ବ୍ରାଞ୍ଚରେ ଅସଂଖ୍ୟ କିରାଣୀ ସେଲ୍ସମ୍ୟାନ୍ ଓ ପିଅନ୍ ନିଯୁକ୍ତ ହେଲେ । ନିହାର ବାବୁ ଓ ପ୍ରତିମା ଅଗାଧ ଧନର ମାଲିକ ହେଲେ । ନିହାରବାବୁ ନାମକୁ ମାତ୍ର ପ୍ରୋପ୍ରାଇଟର୍ ହୋଇ ରହିଲେ ।

ଧନର ସୁଅ ବଢ଼ି ଚାଲିବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରେମର ସୁଅ ମଧ୍ୟ ବଢ଼ି ଚାଲିଲା । ସେହି ପ୍ରେମସୁଅରେ ଭାସିଗଲେ ନିହାର ଓ ପ୍ରତିମା ଧନାଢ୍ୟ ହୋଇ । ନିହାର ବର୍ତ୍ତମାନ ପୂର୍ବର ନିହୁ ବାବୁ ନୁହେଁ । ସମସ୍ତଙ୍କ ପାଖରେ ସେ ବର୍ତ୍ତମାନ 'ପ୍ରୋପ୍ରାଇଟର ମିଷ୍ଟର ନିହାର ରଞ୍ଜନ ବାନାର୍ଜୀ' ନାମରେ ସୁପରିଚିତ ।

ନିହାର ବାବୁଙ୍କର ପ୍ରକୃତରେ କିଛି କାମ ନାହିଁ । ଦୋକାନର ପରିସର ବଢ଼ିଯିବା ସଙ୍ଗେ ସଙ୍ଗେ ତାଙ୍କ ଉପରୁ ପରିଶ୍ରମର ଭାର କମି ଯାଉଛି । ସେ ନାମକୁ ମାତ୍ର ପ୍ରୋପ୍ରାଇଟର୍ । ତାଙ୍କୁ ଏତେ

ଦୋକାନ ରେ ଦେଖିବା ସ୍ୱପ୍ନ । ଫିଅନ୍ ଫାଇଲ୍ ପତ୍ର ଧରି ବସାକୁ ଗଲେ ନିହାର ବାବୁ ଖାଲି ଦସ୍ତଖତ୍ ମାରନ୍ତି ।

ବାକୀ ସମୟତକ ତାଙ୍କର କଟିଯାଏ ପ୍ରତିମା ସହିତ ପ୍ରେମାଳାପରେ । ଦିନୁଦିନ ସେମାନଙ୍କ ପ୍ରେମାଙ୍କୁର ଦୃଢ଼ ହେବାକୁ ଲାଗିଲା । ପ୍ରେମର ଶୃଙ୍ଖଳ ଉଭୟଙ୍କୁ ବାନ୍ଧିରଖିଲା ଚିରଦିନ ପାଇଁ । ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ହେଉଛି ସିନେମା ଦେଖିବା, ସମୁଦ୍ର କୂଳରେ ବୁଲିବା ଓ ପାର୍କରେ ବସି ଖୁସି ଗପ କରିବା । ଏଥିରେ ସେମାନେ ଭୁଲି ଯାଆନ୍ତି ଅତୀତ ଓ ଭବିଷ୍ୟତକୁ । ଦୁନିଆ ସେମାନଙ୍କୁ ମନେହୁଏ ଗୋଟିଏ ଖେଳଘର । ସେମାନଙ୍କ ଆଖିରେ ସମସ୍ତେ ଦେଖାଯାନ୍ତି ସାମାନ୍ୟ ତୃଣପରି ।

କ୍ଲବକୁ ଗଲେ, ପାର୍କକୁ ଗଲେ ଅର୍ଥାତ୍ ଘରୁ ଗୋଡ କାଢ଼ିବା ମାତ୍ରେ ସବୁବେଳେ ମୋଟର ଭଡ଼ା । ଡ୍ରାଇଭର ବାବୁଙ୍କ ହୁକୁମକୁ ଅପେକ୍ଷା କରି ବସିଛି । ଏବେ ନିହାର ବାବୁଙ୍କ ମୋଟରରେ ବୁଲିବା ସଉକଟା ଢେର ବଢ଼ି ଯାଇଛି । ଭିକ୍ଟୋରିଆ ଗାର୍ଡେନ୍ସ, ମ୍ୟୁଜିୟମ ବାଲାର୍ଡ ପାୟାର ବନ୍ଦର ସେମାନଙ୍କ ପ୍ରଧାନ ଆମୋଦସ୍ଥଳୀ ।

ପ୍ରତିମା ନିହାରକୁ ଖୁବ୍ ଭକ୍ତି କରେ । ପ୍ରାଣଠାରୁ ବଳି ସେ ତାକୁ ଭଲପାଏ । ଏଇଥି ପାଇଁ ସେ ନିହାରକୁ ଅତି ନିଜର କରି ପାରିଛି । ନିହାର ମଧ୍ୟ ସେଥିରେ ସବୁ ଭୁଲି ଯାଇଛି । ପ୍ରତିମାର ପ୍ରେମ ଓ ସୌନ୍ଦର୍ଯ୍ୟ ନିକଟରେ ସେ ବଳିଦେଇଛି ତାର ମନୁଷ୍ୟତ୍ୱକୁ । ସେଇଥିରୁ ପାଇଛି ସେ ପୈଶାଚିକ ଇନ୍ଦ୍ରିୟ ଲାଲସାର ପରିତୃପ୍ତି ।

ସନ୍ଧ୍ୟା ଅଠଟା ସମୟ । ଭୀଷଣ ଗରମ ହେତୁ ଘର ଭିତରେ ଅଧ ବସି ହେଉ ନାହିଁ । ଇଲେକଟ୍ରିକ୍ ଆଲୁଅ ଟେବୁଲ ଉପରେ ଝଟେଇ ହୋଇ ପଡ଼ୁଛି । ନିହାର ଆର୍ମ ଚୌକିରେ ବସି ଗୋଟିଏ ସିଗାରେଟ ଟାଣିବାରେ ବ୍ୟସ୍ତ । ପ୍ରତିମା ଦେବୀ ପାଖରେ ଅନ୍ୟ ଗୋଟିଏ ଚୌକିରେ ବସି ମଧୁର ଗାନ ଆରମ୍ଭ କରି ଦେଇଛନ୍ତି । ଗୀତର ସୁରରେ ମାତାଲ ହୋଇ ପଡ଼ିଛନ୍ତି ଉଭୟେ ।

ଚାକର ଆସି ଛିଡ଼ା ହୋଇ ଡାକିଲା—ବାବୁ ବାବୁ ।

ବାବୁ ବିରକ୍ତ ହୋଇ ହାରମୋନିୟମଟା ଟିକିଏ ବନ୍ଦକରି ପଚାରିଲେ—ଖବର କଅଣ ?

ଚାକରଟି ଭୟରେ ଥରି ଥରି ବାବୁଙ୍କ ଆଡ଼କୁ ଟେଲିଗ୍ରାମଟି ବଢ଼ାଇ ଦେଲା । ନିହାର ଚମକି ପଡ଼ି କହିଲେ,—ଏ ଯେ ଏକ୍ସ-ପ୍ରେସ ଟେଲିଗ୍ରାମ ।

ମନେ ମନେ ତାର ଆତଙ୍କ ଜନ୍ମିଲା । ଘର୍ମ ଗଣ୍ଡିଭ ଅଣ୍ଣି ପଡ଼ିଲା । ସେତିକିରେ ମନ ତାର ଅଚଳ ହୋଇ ପଡ଼ିଲା । ସଙ୍ଗେ ସଙ୍ଗେ କାଗଜ ଖଣ୍ଡିକ ସେ ଛିଣ୍ଡାଇ ପକାଇଲା । ଜଣାପଡ଼ିଲା ସତେ ଯେପରି ମୁଣ୍ଡ ଉପରେ ତାର ଆକାଶ ଛିଣ୍ଡି ପଡ଼ୁଛି ! ହୃଦୟର

ତୋହକୁ ସେ ଗୁପ୍ତି ରଖିଲା ଅନ୍ତର ଭିତରେ । ମାତ୍ର ତାହା ଦରକାର ନୁହେଁ ସେ ଯେ ରକ୍ତର ସମ୍ପର୍କ । ଏକ ମାୟା ମରୀଚିକା ପଛରେ ପାଇଁ ସେ ତାର ଅତୀତ ଦୁନିଆକୁ ଭୁଲି ଯାଇଛି । ଏ ସମସ୍ତ କଥା ଭାବି ନିହାରର ବଦନରେ ଏକ ବିଷାଦ ଭାବ ଖେଳିଗଲା ।

ତାହାର ଏ ବିଷର୍ଣ୍ଣତା ଦେଖି ସ୍ମିତା ଅସ୍ଥିର ହେଲା । ପଚାରିଲା ଖବରଟା କଅଣ ।

ନିହାର କହି ଉଠିଲା—ସର୍ବନାଶ ।

ତାକୁ ଯେ ସେହି ମୁହୂର୍ତ୍ତରେ ଘର ଛାଡିବାକୁ ହେବ । ବନ୍ଧୁ ଜିତ୍ ଘୋର ବିପଦଗ୍ରସ୍ତ । ତାଙ୍କୁ ସାହାଯ୍ୟ କରିବା ନିହାରର ଏକାନ୍ତ କର୍ତ୍ତବ୍ୟ । ମୋଟର ନେଇ ଡ୍ରାଇଭର ଚାଲିଲା ଷ୍ଟେସନକୁ ବାବୁଙ୍କୁ ଛାଡିଦେଇ ଅଜିମ୍ ଗାଁ । ମୋଟର ଲେଉଟାଇ ଆଣିଲା ନିହାର ଚିରଦିନ ପାଇଁ ବିଦାୟ ନେଇ ଚାଲିଲେ ନିଜ ଘରକୁ ।

ଏତେ ଦିନରେ ତାର ମନର ପରିବର୍ତ୍ତନ ଆସିଲା । ସେ ଭାବିଲା ସାମାନ୍ୟ ଏକ ସ୍ତ୍ରୀର ମୋହରେ ପଡ଼ି ସେ ତାର ହୃଦୟର ଜାତିନିଧି ଟୁଣିକୁ ମଧ୍ୟ ଭୁଲି ଯାଇଛି । ସେ ଯେ ଘାଅଧନ ହେଲା ଭୀଷଣ ଟାଇଫଏଡ୍ ରୋଗାକ୍ରାନ୍ତ । ଜାଣିଶୁଣି ସେ ଛୁଆକୁ ପଥର କରି ହୁ ପାରିବ ନାହିଁ । ଦୁନିଆକୁ ତୁଚ୍ଛ ତୃଣବତ୍ ମନେକରି ପ୍ରତିମାର ମ ମୋହରେ ଅନ୍ଧ ହୋଇ ପଡିଥିଲା ସେ । ସାମାନ୍ୟ ସ୍ତ୍ରୀର ମୋହରେ ପଡ଼ି ସେ ଆଉ ଘରକୁ ଫେରିନି । ଆଦରର ବିବାହିତା କାଞ୍ଚନକୁ ମଧ୍ୟ ପଦରେ ଠେଲି ଦେଇଛି । ଆଉ ସେ ଉପେକ୍ଷା ର ପାରିବ ନାହିଁ ।

ଗୋଲବସରର ଷ୍ଟେଟ ହିଁଅ ଟ୍ରେନର ସେଣ୍ଟିକୁ ଏଡ଼ି ନପାରି ତାର ଅଜ ଭାଙ୍ଗି ଦେଇଛି ତାର ଅଷ୍ଟାଙ୍ଗୀ ମାଡ଼ ।

ଗାଡ଼ି ଛୁଟିଲା । ତାହାର ଅଜ ଥାର୍ଡ କ୍ଲାସ କମ୍ପାର୍ଟମେଣ୍ଟର ଯାତ୍ରୀ ନୁହେଁ । ଇଲେକ୍‌ଟ୍ରିକ ପଙ୍ଖା ଘୂରୁଛି । ତାହାର ବାବୁଙ୍କ ସିଗାରେଟ ଧୂଆଁରେ ଡବାଟି ଧୂମାୟିତ ହୋଇ ଉଠୁଛି । କିନ୍ତୁ ତାହାର ମନରେ ଆଦୌ ଶାନ୍ତି ନାହିଁ । କେବଳ ଯାଇ ଟୁନିକୁ ଦେ ତାର କୋଳକୁ ଟେକି ନେଇ ତାର ଛୁଗୁଣା ଗାଲରେ ଏକ ଚୁମ୍ବନ ଦେବ । ସେଇ ତାର ଏକମାତ୍ର ଇଚ୍ଛା ।

ଦୀର୍ଘ ଦୁଇଦିନ ପରେ ଗାଡ଼ି ଯାଇ ପହଞ୍ଚିଗଲା ଗାଁ ଷ୍ଟେସନରେ ତାହାର ଗାଡ଼ିରୁ ଓହ୍ଲାଇ ସିଧା ଚାଲିଲା ଘରକୁ । ମା ତାହାରକୁ ଦେଖି କଇଁ କଇଁ ହୋଇ କାନ୍ଦି ଉଠିଲେ ।

ଘରେ ପହଞ୍ଚିଛି କି ନାହିଁ ତାହାର ପଚାରିଲା—ମା ଟୁନି କାହିଁ

ମାପେ କାଠପିତୁଳା ପରି ଛିଡ଼ାହୋଇଛି । କାନକୁ ଯେପରି ତାର କିଛି ଶୁଭୁନାହିଁ । ଭିତରକୁ ଯାଇଁ ଦେଖେତ ଘର ନିଶାନ । ସ୍ତ୍ରୀ କାଞ୍ଚନ ମୁହଁ ମାଡ଼ି ପଡ଼ିଛନ୍ତି । କାନ୍ଦି କାନ୍ଦି ଆଖି ତାଙ୍କର ଫୁଲି ଯାଇଛି ।

ବଡ଼ପୁଅ ଜ୍ୟୋତିନାଥ ଦୌଡ଼ିଯାଇ ମାଙ୍କୁ ହଲାଇ ହଲା କହୁ ଉଠିଲା "ମା ମା କିଏ ଜଣେ ମାମୁଁ ଘରୁ ଲୋକ ହେଇ ଅଛି ଟି ।

କାଞ୍ଚନ ଦେବୀ ପୁଅର କଥା ଶୁଣି କାନ୍ଦି ଉଠିଲେ । ତାହା ପାଖକୁ ଯାଇ ଖାଟି ଫିଟାଇଛନ୍ତି କି ନାହିଁ ସେ ଭ୍ରେ ଖେ ର ଲାଗିଲେ । ପ୍ରକୃତରେ ତାହାର ଟୁନିକୁ ଦେଖିବାପାଇଁ ଧାଇଁ ଆସିଛି ଏତେଦିନେ ସୁଦୂର ବମ୍ବେରୁ । ଏହି କଥା ଭାବି କୋହ ତାଙ୍କ ଦ୍ୱିଗୁଣିତ ହୋଇ ଉଠିଲା ।

ମା କହିଲେ—ବାପ ତାହାର ଟୁନି ତୋରଅଙ୍ଗ ଇହ ଧାମରେ ନାହିଁ । ତାର ପଠା ହେବାର ପରଦିନ ସେ ଆଖିବୁଜି ଦେ - - ·

ଏତକି କହୁ କହୁ ତାଙ୍କ ବାକ୍ ରୁଦ୍ଧ ହୋଇ ଆସିଲା ।

ଏ କଥା ଶୁଣି ନିହାର ମୂର୍ଚ୍ଛିତା ହୋଇ ପଡିଗଲା । ତାର ଆଉ ଚେତା ନାହିଁ । ବହୁ କଷ୍ଟରେ ମା, ଓ କାଞ୍ଚନ ଦେବୀ ମିଶିତାଙ୍କୁ ସାନ୍ତ୍ୱନା ଦେବାପରେ ସେ ଆଶ୍ୱସ୍ତ ହେଲେ ।

ନିହାର ବର୍ତ୍ତମାନ ବୁଝି ପାରୁଛି ତା'ର ନିଜର ଭୁଲ । ସୁନାର ସଂସାର ଗଢ଼ିବାକୁ ସେ କେତେ ସୁନାସ୍ୱପ୍ନ ଦେଖୁ ନ ଥିଲା । କିନ୍ତୁ ଏବେଣି ଯେ ତାର ସୁନାର ସଂସାର ଚୂନା ହୋଇଯାଇଛି । ସୁନାର ସଂସାରରେ ତାର ଆଉ ପ୍ରୟୋଜନ ନାହିଁ ସେଥିରୁ ଶାନ୍ତି ପାଇବାର ଆଶା ନାହିଁ । ବରଂ ମିଳିବ ଅସନ୍ତୋଷ ଅଶାନ୍ତି ଲଜ୍ଜା ଓ ବିଦ୍ରୂପ ।

ଦିନପରେ ଦିନ କଟିଗଲା । ହେଲେ ନିହାର ଆଉ ବରେନ୍ଦ୍ର ଫେରିଲା ନାହିଁ । ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବଙ୍କ ଠାରୁ ସେ ପାଇଛି ଉପଯୁକ୍ତ ପୁରସ୍କାର । ସେଥିରେ ସେ ଅନୁତପ୍ତ ହୋଇଛି । ନିର୍ଜନ ମୁହୂର୍ତ୍ତରେ ମନରେ ଆସିଛି ତାର ବିଶ୍ୱସ୍ତ ପରିବର୍ତ୍ତନ । ଏବେଣି ପ୍ରତିମା ଦେବୀ ତାଙ୍କ ଅପେକ୍ଷାରେ ଲାଗି ବସିଲେ । ନିହାର ଆଉ ଫେରିନି, କିନ୍ତୁ ଫେରିଛି ତାଙ୍କ ହାତଲେଖା ଚିଠିଟିଏ । ଚିଠିଟା ଖୋଲି ସେ ପଢ଼ିବାରେ ଲାଗିଲା । ମୁଣ୍ଡରେ ଶତ ବଜ୍ରାଘାତ ହେବାର ସେ ଅନୁଭବ କଲା । ଲେଖାଅଛି--

ପ୍ରତିମା ଦେବୀ,

ବହୁଦିନ ପରେ ତୁମର ଏ ପୁରୁଣା ବନ୍ଧୁର ଏହି ଚିଠିଟି ପାଇ ମନ୍ଦ ଭାବିବ ନାହିଁ । ତୁମକୁ ମୁଁ କେତେ ଭଲ ପାଉଛି । ଜୀବନର ସୁଖ ଦୁଃଖ ଆଶା ଓ ଆନନ୍ଦ ମଧ୍ୟରେ ତୁମେ ମୋର ଭାଗୀ ହୋଇଥିଲ । ମୁକ୍ତ ଆକାଶ ତଳେ ଆମେ ଦୁହେଁ ଗଢ଼ି ଦେଇଥିଲେ ସୁନାର ସଂସାର ।

ଏ ସବୁ ଭାବିବ ନାହିଁ ହୃଦୟର ମୋର ପ୍ରକୃତ ବାସନା । ପ୍ରତିମା, ତୁମକୁ ଭଲ ପାଇବାଟା ମୋର ଜୀବନର ଗୋଟାଏ ଆକ୍ସିଡେଣ୍ଟ ।

ଅନ୍ତର ସହିତ ମୁଁ ତୁମକୁ ଭଲ ପାଇନି । ମୁ ଯେ ବିବାହିତ । ତୁମର ପ୍ରେମରେ ଭୁଲିଅଛି ମୁଁ ଭୋଳରୁ ମୋର କୋଠିକିଧି ଟ୍ରୁନିଙ୍କୁ ହରାଇ ବସିଛି । ଜୀବନର ଗୋଟାଏ ଆକ୍ସିଡେଣ୍ଟ ଭଳି ତୁମ ସଙ୍ଗରେ ମୁଁ ବାନ୍ଧି ଦେଇଥିଲି ଅସ୍ଥାୟୀ ଖେଳଘର । ସେଥିରୁ ଅଧିକ କିଛି ନୁହେଁ ।

କ୍ଷମାଦେବ ପ୍ରତିମା । ଆଉ ଅଧିକ କିଛି ଲେଖିବାର ପ୍ରୟୋଜନ ନାହିଁ । ତୁମପାଖକୁ ମୋର ଏଇ ଶେଷ ଚିଠି । ଇତି ।

ତୁମର ପୁରୁଣା ବନ୍ଧୁ
ନରେନ୍ଦ୍ର କୁମାର

ନିହାର ଚାଲିଗଲାଠୁଁ ପ୍ରତିମା ମନରେ ଆଉ ଶାନ୍ତି ନାହିଁ । ଦିନ ଗୁଡ଼ାକ ଲାଗେ ନୀରସ ଜଣାପଡ଼େ । ନିହାର ଦୁଇଦିନ ପାଇଁ କହି ଯାଇ ଆଉ ଫେରିଲା ନାହିଁ । ଦୁର୍ଘଟଣାର ଆଶଙ୍କା ମନେକରି ମନଟା ତାର ଗୋଳେଇ ଘାଣ୍ଟି ହେଉଥାଏ । ମାତ୍ର ଚିଠିଟା ପାଇଁ ସେ ସମସ୍ତ କଥା ବୁଝି ପାରିଲା ।

ନିହାର ଯେ ତାକୁ ପ୍ରତାରଣା କରିଛି । କେଡ଼େ ବିଶ୍ୱାସ ଘାତକ ସେ । ଚିରଦିନ ପାଇଁ ବୁକୁରେ ତାର ଛୁରୀ ମାରିଦେଇ ଚାଲିଯାଇଛି ।

ଚିଠିଟା ଥରେ ପଢ଼ି ସେ ବିଶ୍ୱାସ କରି ପାରିଲାନି ତାହା ନିହାରର ହାତଲେଖା ବୋଲି । ଯେଉଁ ତାକୁ ଏତେ ନିଜର କରି ନେଇ ପାରିଥିଲା । ସେ ପୁଣି ବିନା କାରଣରେ ତାକୁ ମୁହୂର୍ତ୍ତ ମଧ୍ୟରେ ପର କରିଦେବା ଅସମ୍ଭବ ।

ନିହାର ଯେ ବିବାହିତ । ବିବାହିତ ହୋଇ ସେ ପୁଣି ତାକୁ ଉଥରେ ବିବାହ କରିଛି । ବୁଝିବାଠୁ ତାରବଣ୍ଡା ହୋଇଗଲା । ମନେ ନେ ଠିକ୍ କରି ନେଲା ନିହାର ପାଖକୁ ଯାଇ ତାକୁ ବେଶ ଦପଦ ଖାଇ ଆସିବ । କିନ୍ତୁ ସେ ଯେ ଉପାୟ ଶୂନ୍ୟ ।

କପଟଭାବରେ ସେ ପୁଣି ନିହାର ପାଖକୁ ଫେରିଯିବ—ଯେଉଁ ଜୀବନକୁ ତାର ମାଟି କରି ଦେଇ ଚାଲି ଯାଇଛି ।

ନିହାର କେଡ଼େ ବିଶ୍ୱାସ ଘାତକ ପ୍ରକୃତିର । ବ୍ୟବସାୟର ଙ୍କ ମୁଦ୍ରା ସେ ଅଗରୁ ଆତ୍ମସାତ କରି ଦେଇ ଗୋଟାଏ ମସ୍ତବଡ଼ ପ୍ଲାନ ଠିକ୍ କରି ନେଇ ଥିଲା । ପ୍ଲାନଟା ଅବଶ୍ୟ ତାର ମନଗଢ଼ା ହେ ।

ଟେଲିଗ୍ରାମ ପାଇବାର କେତେଦିନ ଆଗରୁ ସେ ଠିକ୍ କରି ନେଇ ଯାଇଥିଲା ଯେ ପ୍ରତିମାର ସମୁଦାୟ ଅର୍ଥ ଆତ୍ମସାତ୍ କରି ତାକୁ ଚମ୍ପଟ ଦେଇ ପଳାୟନ କରିବ । ପ୍ରତିମା ଏକଜାରଜ ସନ୍ତାନ ବୋଲି ଶୁଣିବା ଦିନଠାରୁ ତା ପ୍ରତି ନିହାରର ପ୍ରେମ କମି ଯାଇଥିଲା ।

ପ୍ରତିମାର ମାଆ ନିର୍ମଳା ଜଣେ ସାମାନ୍ୟ ବେଶ୍ୟା । ସେ ଦୀର୍ଘ ତ୍ରିଶ ବର୍ଷ ପର୍ଯ୍ୟନ୍ତ ଅବିବାହିତା ଥିଲେ । ପିତାମାତାଙ୍କ ଅସମ୍ମତି କ୍ରମେ ସେ ସାମାନ୍ୟ ନର୍ସ ଜୀବନକୁ ପସନ୍ଦ କରି ସେଥିରେ ପଶିଲେ ଅବିବାହିତ ଜୀବନରେ ଯେତେବେଳେ ତାଙ୍କର ଗର୍ଭର ସଞ୍ଚାର ହେଲା ପିତାମାତା ବଡ଼ ଚିନ୍ତାରେ ପଡ଼ିଲେ । ସେହି ଦିନଠୁ ପ୍ରମୋଦ କୁମାରଙ୍କୁ ସେ ନିଜର ସନ୍ତାନରୂପେ ଗ୍ରହଣ କରି ନେଲେ ।

ନିର୍ମଳା ଦେବୀ ଏହିପରି ଅସତ୍ ଉପାୟରେ ଯେ ଏତେଗୁଡ଼ାଏ ଙ୍କା ବ୍ୟାଙ୍କରେ ଜମା କରି ଦେଇଥିଲେ । ଏଇଥି ପାଇଁ ପ୍ରତିମାର ବିବାହ ବିଷୟରେ ନିର୍ମଳା ଦେବୀ ଏତେ ଚଞ୍ଚଳ ନିଜର ସମ୍ମତି ପ୍ରକାଶ କଲେ ।

ଏକଥା ନିହାରଙ୍କୁ ଜଣା ନଥିଲା । ଏ ସବୁ କଥା ନିହାର ଶୁଣିଲେ ବଡ ବିସ୍ମିତ ହୁଅନ୍ତି । ଶୁଣିବା ଦିନଠୁ ପ୍ରତିମା ଠାରେ ଆଉ ତାର ଲୋଭ ନାହିଁ । ଯେ କୌଣସି ଉପାୟରେ ସମୁଦାୟ ଟଙ୍କା ଆତ୍ମସାତ୍ କରି ପଳାୟନ କରିବା ପ୍ଲାନ୍ ମଧ୍ୟ ସେ କରି ସାରିଥିଲା । ଏଇଥିରେ ତାକୁ ବିଶେଷ ସାହାଯ୍ୟ ଦେଇଛନ୍ତି ରଞ୍ଜନ । ଅବଶ୍ୟ ସେଥିରେ ତାଙ୍କର ପଚାଶ ଭାଗ ଥିଲା ।

ନିହାର ମଧ୍ୟ ବେଶ୍ ଚାଲାକ । ଘର ଛାଡ଼ିବା ଦିନଠାରୁ ସେ ତାର ପ୍ରକୃତ ନାମ ନରେନ୍ କୁମାର ସର୍ବସାଧାରଣରେ ନିଜକୁ ପରିଚିତ କରି ନେଇଛନ୍ତି ନିହାର ରଞ୍ଜନ ଦାସ ବୋଲି । ପ୍ରତିମା ଦେବୀ ନିହାରଙ୍କ ସମ୍ବନ୍ଧରେ କିଛି କାର୍ଯ୍ୟ କଳାପ କରିବା ମଧ୍ୟ ଅସଙ୍ଗତ ଏହିପରି ନାନାକଥା ଭାବି ସେ ନିରାଶ ହୋଇ ରହିଲେ ।

ନିହାର ଗଲା ଦିନଠୁ ଷ୍ଟୋରଟି ଭାଙ୍ଗି ପଡ଼ିଲା । ସମସ୍ତେ ସୁବିଧା ଦେଖି ନିଜ ନିଜ ବାଟରେ ପଳାଏ ଲେଖାଁ । ଏ ମାତ୍ର ଭୁଲି ହୋଇ ରହିଲେ । ପ୍ରତିମାର ଜୀବନରେ ଏକ ମହାନ୍ ଶିକ୍ଷା ମିଳିଲା ।

ବୃଦ୍ଧା ନିର୍ମଳ ଦେବୀଙ୍କର କିଛିଦିନ ପରେ ମୃତ୍ୟୁ ଘଟିଲା । ମାଙ୍କର କାଳ ହେବା ଦିନଠୁ ପ୍ରତିମାର ଘରଦ୍ୱାର ଶ୍ମଶାନରେ ପରିଣତ ହେଲା ଏତେବଡ଼ ଘରଟାରେ ଜଣେ ମଣିଷ । ଜୀବନରେ ତାର ଆହା କରିବାକୁ କେହି ନାହିଁ । ଅତୀତର ସ୍ମୃତି ଛବି ଆଖି ଆଗରେ ନାଚି ଉଠିଲେ ଆଖିରୁ ତାର ଅଶ୍ରୁ ଗଡ଼ିପଡ଼େ ।

ମା ଚାଲିଗଲା ଦିନଠାରୁ ପ୍ରତିମାକୁ ଚାରିଆଡ଼େ ଅନ୍ଧାର ଜଣା ପଡ଼ିଲା । ମାଙ୍କୁ ଝୁରି ଝୁରି ସେ କଣ୍ଟା ହୋଇଗଲା ।

ସେ ମନେ ମନେ ଭାବିଲା ଜୀବନଟା କଅଣ ଏତେ ଦୁଃଖମୟ ଭଗବାନ କଅଣ ଏତେ ନିଷ୍ଠୁର ।

ଧାନ୍ ଧାନ୍ ବକ୍ଷ ତାର କମ୍ପାଏ । ସମସ୍ତ ସମୟରେ ନିହାର
ର ରୂପଛବି ଆଖି ଆଗରେ ନାଚି ଉଠେ । ମନେହୁଏ ଯେପରି
ହାର ବହୁଦିନର ବିରହ ବେଦନା ସହି ନ ପାରି ଚାଲି ଆସିଛି
ତମା ପାଖକୁ । ଅତି ଆଦରରେ ମୁହଁକୁ ମୁହଁ ଲଗାଇ ଥିର ଥିର
ରୁ ଡାକୁଅଛି ପ୍ରିୟେ - - - ।

କ୍ଷଣିକ ପାଇଁ ମୋହ ତାର ଶାନ୍ତ ହୁଏ । ପୁଣି ଆଖି ଖୋଲି
ଦେଖେ ସବୁଅଛି ଶୂନ୍ୟ । ନିହାରଯେ ଚିରଦିନ ପାଇଁ ତାକୁ
କି ଦେଇ ଚାଲି ଯାଇଛି । ତାକୁ ପ୍ରତାରଣା କରି ଚାଲି ଯାଇଥିବାର
ପଯୁକ୍ତ ପରିଣାମ ସେ ନିଶ୍ଚୟ ଭୋଗିବ । ନିହାର ବିଷୟ ଚିନ୍ତା
ରିବା ତା ପକ୍ଷରେ ଅନାବଶ୍ୟକ ।

ଏହାପରି ନାନା କଥା ଆଲୋଚନା କରି ପ୍ରତିମା ଭାବେ ସେ
ପରି ଗୋଟିଏ ଅନୁଷ୍ଠାନ ଆରମ୍ଭ କରିବ ଯା ଫଳରେ କି ଦୁନିଆ
କୁ ଭଲଭାବରେ ଚିହ୍ନି ପାରିବ । ମାନବ ସମାଜକୁ ସେ
ଦେଖାଇ ଦେଇ ପାରେ ସ୍ତ୍ରୀ କଦାପି ପୁରୁଷର ପୁଚ୍ଛ ଧାରୀ ନୁହେଁ ।
ମାଜର ହିତ ସାଧନ ପାଇଁ ତାର ଯଥେଷ୍ଟ ଶକ୍ତି ଅଛି ।

ଦୁନିଆକୁ ସେ ଦେଖାଇ ଦେଇ ପାରିବ—ସ୍ତ୍ରୀ ଜାତି ଏତେ
ଳ ନୁହେଁ । ପୁରୁଷର ଅର୍ଦ୍ଧାଙ୍ଗିନୀ ହୋଇ ଚିରଦିନ ରହି ପାରିବ
ହିଁ । ପୁରୁଷ ସମକକ୍ଷ ହେବାପାଇଁ ଅଛି ତାର ଯଥେଷ୍ଟ ବୁଦ୍ଧି ଓ
।

× × × ×

ଏହାପରେ ପ୍ରତିମା ଆରମ୍ଭ କରିଦେଲା ଗୋଟିଏ ବିଧବା ଶ୍ରମ ।
ଜର ସାମାନ୍ୟ ଅର୍ଥରେ ସେ ନିଜଘରେ ଆଶ୍ରମ ଖୋଲିଲା । ପ୍ରଥମେ
ରର ମୁଷ୍ଟିମେୟ ଅନାଥା ବିଧବାଙ୍କୁ ନେଇ କାର୍ଯ୍ୟ ଆରମ୍ଭ
ଲା । ପ୍ରତିମା ସେ ସବୁର ପରିଚାଳନା । ଭାର ନିଜେ ବହନ

କରନ୍ତି । ପ୍ରମୋଦ କୁଟୀରର ନାମ ବଦଳାଇ 'ନିର୍ମଳା ଦେବୀ ବିଧବା ଶ୍ରମ'ରଖାଗଲା । କ୍ରମେ କ୍ରମେ ଅସଂଖ୍ୟ ବିଧବା ସେଠାରେ ଯୋଗ ଦାନ କଲେ । ସେଠାରେ ସେମାନଙ୍କୁ ହାତକାମ ସିଲେଇ ଓ ଅନ୍ୟାନ୍ୟ ନାନା ପ୍ରକାର ଶିକ୍ଷା ଦିଆଗଲା ।

ଅଶିକ୍ଷିତା ବିଧବା ମାନଙ୍କୁ ଶିକ୍ଷା ଦେବାପାଇଁ ଗୋଟିଏ ନୈଶ ବିଦ୍ୟାଳୟ ସ୍ଥାପିତ ହେଲା । ସ୍ଥାନର କିଛି ଅଭାବ ନ ଥିଲା ପ୍ରତିମା ଏତେଗୁଡ଼ିଏ ନିବନ୍ଧ ଅନାଥଙ୍କ ପାଇଁ ତାର ପ୍ରକାଣ୍ଡ ଦୋମହଲା ଘର ଖଣ୍ଡିକ ଛାଡ଼ିଦେଇଛନ୍ତି । ବିଭିନ୍ନ ପ୍ରକାର ଶିଳ୍ପକାମରୁ ଶହ ଶହ ଟଙ୍କା ଆମଦାନୀ ହୁଏ । ତା ଛଡ଼ା ମୂଳଧନ ପାଇଁ ପ୍ରଥମେ ପ୍ରତିମା ଯଥେଷ୍ଟ ସାହାଯ୍ୟ କରିଥିଲା ।

ଦିନକୁଦିନ ନିର୍ମଳା ଦେବୀ ବିଧବାଶ୍ରମ ର ସୁନାମ ସୁରଅଟେ ବ୍ୟାପିଗଲା । ଅଳ୍ପ କେତୋଟା ବର୍ଷ ଭିତରେ ଦେଶ ବିଦେଶରେ ବହୁ ସୁଖ୍ୟାତି ଅର୍ଜନ କରିପାରିଲେ ପ୍ରତିମା ଦେବୀ । ଲାଟ ବଡ଼ଲାଟ ପ୍ରମୁଖ ବହୁ ସରକାରୀ ଓ ବେସରକାରୀ ବ୍ୟକ୍ତି ଆଶ୍ରମ ପରିଦର୍ଶନ କରି ତାର ଭରି ପ୍ରଶଂସା କଲେ । ଆଶ୍ରମ ପ୍ରତିଷ୍ଠାତ୍ରୀ ପ୍ରତିମା ଦେବୀ କ ପାଖକୁ ନାନା ଅଞ୍ଚଳରୁ ନାନା ପ୍ରଶଂସା ପତ୍ର ଆସେ ।

ଏହି ମହତ୍ ଅନୁଷ୍ଠାନ ପ୍ରତି କ୍ରମେ ସରକାରଙ୍କ ଶୁଭଦୃଷ୍ଟି ପଡ଼ିଲା । ଏବଂ ମାସିକ ସାହାଯ୍ୟ ମଧ୍ୟ ମିଳିଲା । ଅନୁଷ୍ଠାନଟିର ଉତ୍ତରୋତ୍ତର ଉନ୍ନତି ଦେଖି ପ୍ରଦେଶ ବାହାରୁ ମଧ୍ୟ ବହୁ ଛାତ୍ରୀ ଆସିଲେ । ପ୍ରତ୍ୟେକଙ୍କ ଶିକ୍ଷା ଶେଷ ପରେ ସେମାନଙ୍କୁ ଉପଯୁକ୍ତ କାର୍ଯ୍ୟ ଯୋଗାଇ ଦିଆଯାଏ ।

ଦୁଃସ୍ଥ ଓ ନିରାଶ୍ରୟଙ୍କ ସେବା ସ୍ୱେଚ୍ଛାସେବକତା ପ୍ରବୃତ୍ତି ଗଠନ ମୂଳକ ଓ ସମାଜ କଲ୍ୟାଣୋପଯୋଗୀ କାର୍ଯ୍ୟ ସେମାନଙ୍କ ଜୀବନର ମହତ୍ ଓ ଉଚ୍ଚ ଆଦର୍ଶ ଥିଲା ।

ପ୍ରତିମା ଏ ସମସ୍ତ କାର୍ଯ୍ୟରେ ତାର ଅତୀତକୁ ଭୁଲିଗଲା । ଅନିତ୍ୟ ସଂସାରର ସୁଖ ସମ୍ଭୋଗ ଜୀବନକୁ ତାର ଆଉ ଆକର୍ଷଣ କରି ପାରିଲା ନାହିଁ । ଏ ବିଷୟ ନେଇ ତାହାର ଠାରୁ ସେ ଉପଯୁକ୍ତ ଶିକ୍ଷା ପାଇଛି । ଖବର କାଗଜ ମାନଙ୍କରୁ ପ୍ରତିମାର ଏହି ମହତ୍ ଉଦ୍ଦେଶ୍ୟ ଓ ଉନ୍ନତିର ଖବର ପାଇ ତାହାର ମନେ ମନେ ଈର୍ଷାନ୍ୱିତ ହୋଇ ଉଠେ । ଭାବେ ପୁଣି ସେ ଚାଲି ଯନ୍ତା ପ୍ରତିମା ପାଖକୁ । ଗୋଡ଼ତଳେ ପଡ଼ି ତାଠାରୁ କ୍ଷମା ମାଗି ଆଣନ୍ତା । ପର ମୁହୂର୍ତ୍ତରେ ପୁଣି ଭାବନା ଆସେ ସେ କଅଣ ଏତେ ନୀଚ ? ପ୍ରତିମା କଅଣ ସତେ ତାକୁ ଆଉ ମନେ ରଖିଥିବ ।

ବର୍ତ୍ତମାନ ସଂସାରକୁ ଦେଖି ସେ ସବୁ ଅତୀତ କଥା କୁଆଡ଼େ ଉଭେଇ ଯାଏ । ଭାଇ, ବନ୍ଧୁ, ସ୍ତ୍ରୀ ଓ ପୁତ୍ର କନ୍ୟା ପ୍ରଭୃତିଙ୍କ ଆଦର ସ୍ନେହରେ ସେ ସବୁ ଭୁଲିଯାଏ ।

\+ + + +

ବମ୍ବେରୁ ଆସିଲା ଦିନଠାରୁ ତାହାର ମନରେ ବିଶେଷ ପରିବର୍ତ୍ତନ ଆସି ଯାଇଛି । ସେ ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଅତି ନିଜର କରି ନେଇ ପାରିଛି । ପ୍ରତିମାର କଥା ଅନେକ ସମୟରେ ତାର ମନେ ପଡ଼ିଯାଏ । ମାତ୍ର ସେ ସବୁ ମୁହୂର୍ତ୍ତକେ ଉଭେଇ ଯାଏ । ତେବେ ଜୀବନ ସଙ୍ଗେ ଆଉ ତାର ସମ୍ପର୍କ ନାହିଁ ।

ଜୀବନ ମଧ୍ୟ ତାହାକୁ ଅନ୍ତର ଖୋଲି ଭଲ ପାଉଥିଲା । ଜୀବନରେ ସ୍ୱାମୀ ଥିଲେ ତାର ଏକ ମାତ୍ର ସମ୍ବଳ । ମାଙ୍କର ଉପେକ୍ଷା କଥା ପଦକ ସେ ହୃଦୟର ଗାର କରି ରଖିଥିଲା ।

ମା ମୃତ୍ୟୁ ଶଯ୍ୟାରେ ପଡ଼ିରହିଥିଲା ସମୟରେ ତାହାର ଓ ଜୀବନ ତାଙ୍କୁ ଦେଖିବା ପାଇଁ ଗ୍ରାମକୁ ଯାଇଥିଲେ । ସେହି ସମୟର ଦୃଶ୍ୟ ତାର ମନେ ପଡ଼ିଯାଏ ।

ମା କାଞ୍ଚନର ହାତକୁ ନିଜ ବକ୍ଷ ଉପରକୁ ଟାଣି ନେଇ କହିଥିଲେ "କାଞ୍ଚି ନରେନ୍ ତୋର ଜୀବନର ଏକମାତ୍ର ସମ୍ବଳ । ସେହି ତୋର ଆଶା ଏବଂ ଭରସା । ତାଙ୍କୁ ଯେମିତି ଜୀବନରେ କିଛି ବାଧା ନ ଦେଉ ଏହି ମୋର ଆଶା ଓ ଅନୁରୋଧ ।

ମା ଙ୍କର ଏ ଅନୁରୋଧ ଶୁଣି ସେ କାନ୍ଦି ପକାଇଥିଲା । ନିହାର ବାବୁଙ୍କ ଚକ୍ଷୁରୁ ମଧ୍ୟ ଦୁଇଧାର ଲୁହ ଗଡ଼ି ପଡ଼ିଲା । ଏଇ କଥା ନେଇ କାଞ୍ଚନ ସବୁବେଳେ ସ୍ୱାମୀଙ୍କୁ ଦେବତା ତୁଲ୍ୟ ଦେଖିଛି । ସବୁ ଦୁଃଖ ପଚେଇ ସହି ନେଇଛି ମଧ୍ୟ । ସ୍ୱାମୀ ଯେତେବେଳେ ଚାଲିଯାଇ ବମ୍ବେରେ ଦୀର୍ଘ ତିନିବର୍ଷ ରହିଲେ ତାଙ୍କପାଇଁ ସେ କେତେ ଧୈର୍ଯ୍ୟ ଧରି ରହିଲା । ସ୍ୱାମୀ ଚାଲିଯାଇଥିଲେ ମଧ୍ୟ ପାଖରେ ତାଙ୍କର ଝିଅ ଦୁଇଟା ଥିଲେ । ସେମାନଙ୍କୁ ଦେଖି କାଞ୍ଚନ ଜୀବନ ଧାରଣ କରି ରହିଲା ।

ନିହାର ଘରକୁ ଫେରିବା ପରେ ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଗଲା ଏକ ବଡ଼ ପ୍ରାଚୀର । ଯା ଭିତରେ ପ୍ରତିମାର ଚିଠି ଖଣ୍ଡିଏ ପାଇ କାଞ୍ଚନ ସମୁଦାୟ ରହସ୍ୟଟା ବୁଝି ନେଇ ଯାଇଥିଲା ।

ନିର୍ମଳାଦେବୀ ବିଧବାଶ୍ରମ ବମ୍ବେ

ନରେନ୍ ବାବୁ

ତୁମେ ଏତେ ନିର୍ଲଜ୍ଜ । ମଣିଷ • ଜାତିହିଁ ଏତେ ବିଶ୍ୱାସ ଘାତକ । ବିଶ୍ୱାସରେ ବିଷଦେଇ ଜୀବନକୁ ମୋର ମାଟି କରିଦେଇ ତୁମେ ଖସି ପଳାଇ ଯାଇଛ । ଏତେ ଭୀରୁ ତୁମେ । ମୁଁ ତ ତୁମକୁ ପ୍ରଥମେ ଚାହିଁ ନ ଥିଲି ବିବାହ କରିବାକୁ ତୁମେହିଁ ପ୍ରଥମେ ଏହି ପ୍ରସ୍ତାବ ଆଗତ କରିଛ ସରଳ ଅନ୍ତରରେ ତୁମକୁ ମୁଁ ବିଶ୍ୱାସ କଲି ବୋଲି ମୋତେ ତୁମେ ଆଜି ଏ ଶିକ୍ଷା ଦେଇଛ । କ୍ଷଣିକ ପାଇଁ ପ୍ରଲୋଭନ ଦେଖାଇ ସବୁ ମୋର ଆତ୍ମସାତ୍ କରିଛ ।

ଛି ! ଧିକ୍ ତୁମକୁ । ନରେନ୍ ବାବୁ ଭବିଷ୍ୟତ ତୁମର କଦାପି ଉଜ୍ଜ୍ୱଳ ନୁହେଁ । ଏହି ଅଭାଗିନୀ ସରଳା ଅବଳାର ପ୍ରତ୍ୟେକ ଅଶ୍ରୁ କଣାରେ ତୁମର ଭବିଷ୍ୟତ ଅନ୍ଧକାର ହୋଇ ଉଠିବ । ଭଗବାନ ତୁମକୁ ଉଚିତ ଶାସ୍ତି ଦେବେ ଏ କଥା ତୁମେ ପଛନ୍ତେ ବୁଝି ପାରିବ ମୋର ପ୍ରତ୍ୟେକ ନିଶ୍ୱାସରେ ତୁମପରି ଶତସହସ୍ର ନାହାର ଜଳିପୋଡ଼ି ମରିବେ ।

ତୁମେ ମୋତେ ଛାଡ଼ି ଚାଲି ଯାଇଛ । ଯା ମୋ ପକ୍ଷରେ କଳଙ୍କ ନୁହେ । ଏହି କଳଙ୍କ ଚିରଦିନ ତୁମ ଠାରେ ଲାଗି ରହିବ । ଗୋଟିଏ ଅବଳାକୁ ମିଛରେ ଭୁଲାଇ ତାର ଜୀବନକୁ ଏଭା ବେଳରେ ନଷ୍ଟ କରି ଦେଇଛ ତୁମେ—ଏ କଥା ଚିର- ଅଶାନ୍ତି ବହ୍ନିରେ ହୃଦୟକୁ ତୁମର ଘର ଜଳାଇବ । ନିଜର ଭୁଲ ନିଜେ ବୁଝି ପାରିବ ।

ତୁମଠାରେ ମୋର ଆଉ ଆବଶ୍ୟକ ନାହିଁ । ଇତି ।

ଶ୍ରୀମତୀ ପ୍ରତିମା ମୟୀ ବାନାର୍ଜୀ

ପରିତ୍ୟକ୍ତା ହତଭାଗିନୀ

ଡାକ ପିଅନ ଠାରୁ ଚିଠିଟି ରଖି ନେଲେ କାଞ୍ଚନ । ନିହାର ଘରେ ନାହାନ୍ତି । ଦୁଇଦିନ ହେଲା କିଛି ଘରୋଇ କାମରେ କଟକ ଯାଇଛନ୍ତି । ଚିଠି ଉପରେ ବମ୍ବେ ସହରର ମୋହର ପଡ଼ିଥିବାର ଦେଖି କାଞ୍ଚନର ମନରେ ସନ୍ଦେହ ଜନ୍ମିଲା । ସେ ଭାବିଲା ନିହାରର ଗୃହର ବିଷୟ ନେଇ କୌଣସି ଜରୁରୀ କାଗଜ ପତ୍ର ହୋଇ ଥାଇ ପାରେ । ଚିଠିଟା ପଢ଼ି କାଞ୍ଚନ ଅବାକ ହୋଇ ରହିଲେ । ସେହି ଦିନଠୁ ସେ ଜାଣିପାରିଲେ ନିହାର କେତେ ଅବିଶ୍ୱାସୀ ।

ସାମାନ୍ୟ ସ୍ତ୍ରୀଟିର ମୋହରେ ସେ ବିବାହିତା ସ୍ତ୍ରୀକୁ ତାର ଛାଡ଼ି ରହି ପାରିଥିଲା—ବର୍ଷ ବର୍ଷ ଧରି । ଗୃହସ୍ଥର ଛଳନା ଦେଖାଇ ସମସ୍ତଙ୍କ ଆଖିରେ ସେ ଧୂଳି ପକାଇ ଦେଇଛନ୍ତି । ପ୍ରତିମା ପରି ବେଶ୍ୟା

ସନ୍ତାନର ସଞ୍ଚିତ ଅର୍ଥର କେତେକାଂଶ ଆଣି ସେ ତାର ଗୃହର ଜୀବନର ପରିଚୟ ଦେଇ ପାରନ୍ତି । କିନ୍ତୁ ତାହା ଯେ ସଂପୂର୍ଣ୍ଣ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ ।

ଏହି କାରଣରୁ ନିହାର ପ୍ରତି କାଞ୍ଚନର ପ୍ରେମ ଓ ଭକ୍ତି କମି ଆସିଲା । ମନେ ମନେ ଭାବିଲା ନିହାର ଆଗରେ ସମସ୍ତ କଥା ଖୋଲି କହି ଦେବ । ଏଣେ ନିହାର ମଧ୍ୟ ଅନୁଭବ କରି ପାରିଲା । କାଞ୍ଚନ ଦେବୀଙ୍କ ମନରେ ନିରସତା ଓ ବିଷାଦ ଭାବ । ସେ ପୂର୍ବପରି ଆଉ ତାଙ୍କ ସହିତ ହସି କଥାପଦେ କହୁନାହାନ୍ତି । ସ୍ତ୍ରୀ ତାର ଗୁପ୍ତ ପ୍ରଣୟ କଥା ଜାଣେ—ଏ ବିଷୟ ନିହାର କୁ ଅଜଣା । ତେଣୁ କାଞ୍ଚନର ନିରସତାର କାରଣ ସେ ବୁଝି ପାରନ୍ତି ନାହିଁ ।

ନିହାର ବହୁତ ଚେଷ୍ଟା କଲା । କିନ୍ତୁ କୌଣସିଥିରେ କାଞ୍ଚନର ମନରେ ପରିବର୍ତ୍ତନ ଆଣି ପାରିଲା ନାହିଁ । ଏ ଯେ ସାମାନ୍ୟ କଥା ନୁହେଁ--ଜୀବନର ଏକ କଠିଣ ଅଧ୍ୟାୟ ।

କାଞ୍ଚନ ମଧ୍ୟ ଚିଠିଟା ଆଉ ନିହାରକୁ ଦେଇନି । ଅତି ଯତ୍ନରେ ସେ ତାହା ସାଇତି ରଖିଲା ତାର ହାତ ବାକ୍ସରେ । କାଞ୍ଚନ ଏଥି ପୂର୍ବରୁ କେବେ ନିହାରର ଗୁପ୍ତ ପ୍ରଣୟର ସନ୍ଧାନ କିଛି ପାଇ ନଥିଲା । ସେ ଭାବିଥିଲା ସ୍ୱାମୀ ତାର ସରଳ, ସୁଚରିତ୍ର ଏବଂ ସଚ୍ଚୋଟ । କିନ୍ତୁ ପ୍ରଭମାର ଚିଠିଖଣ୍ଡିକ ସମସ୍ତ କଥା ଖୋଲିଦେଲା । ଏଥିପାଇଁ ମନରେ ତାର ବିଷାଦ କାଳିମାର ଚିହ୍ନ ।

ଏଣେ ନିହାର ଭାବେ ଯେ ତାର ଦୀର୍ଘ ଅନୁପସ୍ଥିତି ପାଇଁ କାଞ୍ଚନ ମନେ ମନେ ବିରକ୍ତ ହୋଇ ପଡ଼ିଛନ୍ତି । ତାଙ୍କର ମନକୁ ବଦଳାଇ ବାରେ ଶତଚେଷ୍ଟା କଲେ ମଧ୍ୟ ସେ ତାଙ୍କ ଉପର ମନକୁ ଭଲ ପାଇଲେ । ମାତ୍ର କାଞ୍ଚନଦେବୀଙ୍କ ହୃଦୟରେ ଥିବା ଏ ମଳିନତା

…ରହିଲା ଯାହାକି ଉଭୟଙ୍କ ଭବିଷ୍ୟତ ଜୀବନରେ ସୃଷ୍ଟି କରନ୍ତା …ଶାନ୍ତି ଏବଂ କଷ୍ଟମୟ ଫଳ ।

× × × ×

ଦିନେ ସନ୍ଧ୍ୟା ସମୟରେ ନୀହାର ତା'ର ପୂର୍ବ ଅଭ୍ୟାସ ଟା'କୁ …ନେ ପକାଇ କଅଣ ଗୋଟାଏ ଚିତ୍ରାଙ୍କନ ଆରମ୍ଭ କରିଥିଲା । କାଞ୍ଚନ …ନ୍ଦୀ ଯେତେବେଳେ ତାର ଧ୍ୟାନ ଶେଷକରି ଆସନ୍ତି ନୀହାର ତାଙ୍କୁ …କୁ ଡାକି କହିଲା

—କାଞ୍ଚନ ଦେଖ ଏ ଯେ ତୁମର ଛବି । ମୁଁ ନିଜେ ଆଙ୍କିଛି । …ବନ କି ସୁନ୍ଦର ରୂପ ତୁମର ।

କାଞ୍ଚନ ହଠାତ୍ ବିରକ୍ତି ସୂଚକ ଗଳାରେ ଉତ୍ତର ଦେଲା

—ଥାଉ ସେ ଗୁଡ଼ାକ ଦେଖିବା ମୋର ଆବଶ୍ୟକ ନାହିଁ । … ସମୟ ପରେ ହୃଦୟର ସବୁ ସମ୍ଭାଳି ନେଇ କାଞ୍ଚନ ପୁଣି ଆରମ୍ଭ …,

—ମୁଁ ଏ ସବୁ ଦେଖିବାର ଉପଯୁକ୍ତ ପାତ୍ରୀ ନୁହେଁ । ଯାଉନା …ର ପ୍ରାଣର ପ୍ରତିମାକୁ ପାଖରେ ବସାଇ ଯାହା ଇଚ୍ଛା ତାହା …ଗାଇବ ।

ନୀହାର ହଠାତ୍ ନୀରବ ରହିଲା । ପୁଣି ଆରମ୍ଭ କଲା ପ୍ରତିମା … ସେ ଜାଣେନା । ଏ ଯେ ତା ପାଖରେ ଏକ ସଂପୂର୍ଣ୍ଣ ନୂଆ … ।

ପୁଣି କାଞ୍ଚନ କହିଲା —

—ସଂପୂର୍ଣ୍ଣ ଅପରିଚିତ ନୁହେଁ । ଯେଉଁ ସୁକୁମାରୀ ରୂପବତୀ …ଙ୍କଣୀ କି ସହିତ ତୁମେ ସୁନାର ନୀଡ଼ ବାନ୍ଧି ଦେଇ ଥିଲ । ଯାର …ଶ ପ ବନ୍ଧିରେ ତୁମର ଶତସହସ୍ର ଯୁବକ ଜଳପୋକ ମରିବେ ।

—ଚୁପ୍‌ କର କାଞ୍ଚନ ତୁମେ ଯେ ସାମାନ୍ୟ ସ୍ତ୍ରୀ ଏସ
ଅସଙ୍ଗତ ଭାବରେ କଥାବାର୍ତ୍ତା କରିବା ତୁମର ଅଧିକାର ନାହିଁ । ଅ
ସ୍ୱରରେ ଗର୍ଜ୍ଜନ କରି ଉଠିଲା ନିହାର ।

କାଞ୍ଚନ ତାପରେ ଚାଲିଆସିଲା ସେଠାରୁ ଅବଶ୍ୟ ସେ ସ୍ୱାମୀ
ଉଗ୍ରମୂର୍ତ୍ତି ଦେଖି ଟିକିଏ ଶଙ୍କିଗଲା ।

ତା ପୂର୍ବରୁ ସେ କହୁ ପକାଇଥିଲା —

ନା ଏ ଯେ ପ୍ରକୃତ ସତ୍ୟ ଘଟନା । ଯଦି ଆପଣଙ୍କ ଆଦେଶ-
ମୁଁ ଆପଣଙ୍କ ବିରକ୍ତି ବୃଦ୍ଧି ପାଇଁ ଆପଣଙ୍କ ସଙ୍ଗେ ବୃଥା ଯୁକ୍ତି କରି
ଅନାବଶ୍ୟକ ।

ସେହି ମୁହୂର୍ତ୍ତରେ ଅତୀତର କେତେ ଛବି ଖେଳିଗଲା ନିହାର
ଆଖିଆଗରେ । ପ୍ରତିମାକୁ କାଞ୍ଚନ ଜାଣିଲା କିପରି । ହୃଦୟଟା ତ
ଆନ୍ଦୋଳିତ ହୋଇ ଉଠିଲା ।

ମନେମନେ ସେ ଭାବିଲା "ପ୍ରତିମା—ତାକୁ ମୁଁ—

ପରମୁହୂର୍ତ୍ତରେ ପୁଣି ମନରେ ତାର ପ୍ରଶ୍ନ ଉଠେ—
କଅଣ ଅଭିଶପ୍ତ ? କିପରି ?—ନା—ନା—କଦାପି ନୁହେଁ ।

ସେହିଦିନ କାଞ୍ଚନର କଥା ଶୁଣିକି ନିହାର ବକ୍ଷରେ ତୀକ୍ଷ୍ଣ
ଛୁରିକା ବିଦ୍ଧ ହେଲା ପରି ଲାଗିଲା । ସେ ଭଲଭାବରେ ଜାଣେ ତା
ଗୁପ୍ତ ପ୍ରଣୟ କଥା କାହାରିକୁ ଅବଗତ ନୁହେଁ । ସେତ ପ୍ରତିମା
ପଦ ଶୁଣିକି ସବୁ ଲୁଣ୍ଠାଇ ଗୋପାଡ଼ି ଦେଇଥିଲା । ତାର ଗୁ
ପ୍ରଣୟ କଥା ଜାଣିବାର କିଛି ଉପାୟ ନଥିଲା । ହେଲେ କେବେ ଗ
ଗାଁରେ ରଷ୍ଟ୍ର ହୋଇଗଲାଣି ସେ ବିଷୟ ନିହାର କିଛି ବୁଝି ପାରି
ନାହିଁ ।

ନିହାରର ଏହି ପ୍ରେମ କଥା ନେଇ ଗାଁରେ ବସିଥାଏ ହାଟ
ଘରେ ଘରେ ଏହି କଥା ପ୍ରଚାର । କେହି କେହି ମଧ୍ୟ ନିହାର

ଞ୍ଚନର ମନୋମାଳିନ୍ୟ ନେଇ ଆଲୋଚନା କରନ୍ତି । କାଞ୍ଚନ ସ୍ତ୍ରଙ୍କର ପ୍ରଶଂସାପାତ୍ରୀ ହୁଏ । ସମସ୍ତେ ତାକୁ ଧନ୍ୟବାଦ ଦଅନ୍ତି ର ଧୈର୍ଯ୍ୟ ଓ ଚରିତ୍ର ନିଷ୍ଠା ପାଇଁ ।

ଅନ୍ୟପକ୍ଷରେ ନିହାର ପାଏ ଲାଞ୍ଛନା ଓ ଅପବାଦ ।

ଗାଁର ସମବୟସ୍କା ଯୁବତୀ ମାନେ କଥାଛଳରେ କାଞ୍ଚନକୁ ଜୁକ କହନ୍ତି । ମାତ୍ର ସେମାନଙ୍କ ଆଗରେ ସ୍ୱାମୀଙ୍କ ବିପକ୍ଷରେ ସେ ଧ ହେଲେ କିଛି କହେ ନାହିଁ । ସ୍ୱାମୀଙ୍କୁ ବୃଥା ଦୋଷାରୋପ ରିବା ଯେ ସ୍ତ୍ରୀର ଶକ୍ତି ବହିର୍ଗତ । ାର ସେ ଅଧିକାର ନାହିଁ ।

ନିହାରର ଗୁପ୍ତ ବିବାହ କଥା ପରସ୍ପର ଠାରୁ ଶୁଣିବାକୁ ପସ ଏ । ଏ ସବୁ କାଳ୍ପନିକ କଥାରେ ତାର ବିଶ୍ୱାସ ନାହିଁ । ଏହି ର ନାନା ଯୁକ୍ତି ଦେଖାଇ ସେ ସ୍ୱାମୀଙ୍କ କଥାକୁ ସମର୍ଥନ କରିଥାଏ ଧାରଣ ସ୍ତ୍ରୀ ପକ୍ଷରେ ଏତେ ବଡ଼ ଆଦର୍ଶ ଅସମ୍ଭବ ।

ନିହାର କାଞ୍ଚନର ଏହି ଉଚ୍ଚାଦର୍ଶ ଦେଖି ନିଜକୁ ବହୁତ ନୀଚ ଏ । ସ୍ତ୍ରୀ ହୋଇ ସେ ଏହି ମହତ୍ ଆଦର୍ଶକୁ ସମାଜ ଆଗରେ ପ୍ରତିଷ୍ଠିତ କରି ପାରୁଛି । ପୁରୁଷ ହୋଇ ତାର ଏତିକି ଶକ୍ତି ନାହିଁ । ଇ ସ୍ତ୍ରୀ ଆଗରେ ସତ କଥାଟା ପ୍ରକାଶ କରିଦେବାକୁ ସେ ଏତେ ଭୀତ ।

ଏହିପରି ନାନା କଥା ଭାବି ମନରେ ତାର ଆସିଲା ବିରାଟ ପରିବର୍ତ୍ତନ । ସେ ଅତୀତ ଘଟନା ପାଇଁ ନିଜକୁ ବହୁତ ଧିକ୍କାର । ଅନେକ ଦିନ ସେ ଭାବି ନେଇଛି ତାର ଏହି ଅପରାଧର ପ୍ରାୟଶ୍ଚିତ୍ତ ନାହିଁ । କାଞ୍ଚନ ପାଖରେ ସେ ତାର ଦୋଷ ପାଇଁ କ୍ଷମା ର୍ଥନା କରିବ । ତାହା କେବଳ ଜୀବନରେ ହେବ ଉପଯୁକ୍ତ ପ୍ରାୟଶ୍ଚିତ୍ତ ।

ଏ ସମସ୍ତ ପଶ୍ଚାତ୍ ଦୁଃଖ ପାଇଁ ଏବେ ହଠାତ୍ ନିହାର ମନରୁ ଅନୁତପ୍ତ ହୋଇ ଉଠିଲା । ଅତୀତର ପୌରାଣିକ କାନ୍ତ ପାଇଁ ହୃଦୟ ତାର କାନ୍ଦି ଉଠିଲା । ଅଲକ୍ଷିତ ଭାବରେ ଦୁଇ ଆଖିରୁ ତାର ଗଡ଼ି-ପଡ଼ିଲା ଦୁଇଧାର ଲୁହ ।

କାଞ୍ଚନ ମଧ୍ୟ ଲକ୍ଷ୍ୟ କରି ନେଇଛି ନିହାରର ଗଣ୍ଡ ଦେଶରେ ସେହି ଅଶ୍ରୁ କଣିକା । କାଞ୍ଚନ କଥା ଆରମ୍ଭ କରିବା ପୂର୍ବରୁ ନିହାର କହି ପକାଇଛି—

“କାଞ୍ଚନ, ବାସ୍ତବିକ ମୁଁ ଅଭିଶପ୍ତ ... ...

ତୁମେ କେବଳ ମୋର ଦୋ—

ଠିକ୍ ସେହି ମୁହୂର୍ତ୍ତରେ କାଞ୍ଚନ ତାଙ୍କୁ ବାଧାଦେଇ କହି ଉଠିଲା,

“ନା ନା ଅଭିଶପ୍ତ ନୁହେଁ ମୁକ୍ତ ।

ମୁକ୍ତ କିନ୍ତୁ କାଞ୍ଚନ ଏ ଯେ ଜୀବନର କମାର ଗୋଟାଏ ଆକ୍‌ସିଡେଣ୍ଟ ।

ସ ମା ପ୍ତ

Prnted by L. Nayak. at Gity Press. Jamshedpur.
1950.

ନିକଟରେ ଆମ୍ଭ ପ୍ରକାଶ କରିବ —

## କଳଙ୍କିନୀ—[ ଉପନ୍ୟାସ ]

ଲେଖକ ଶ୍ରୀ ମହେଶ୍ୱର ମହାକୁଳ ବି, ଏ,

ଆମର ଏ ସମାଜ ଗଢା ହୋଇଛି କେତେ ଗୁଡ଼ିଏ କ୍ଷୁଦ୍ର ଜୀବଙ୍କୁ ନେଇ। ଆକସ୍ମିକ ଭାବରେ ଏ ଦୁନିଆରେ ମନୁଷ୍ୟର ପରିବର୍ତ୍ତନ ଘଟେ। ମାତ୍ର ଜାଣିଶୁଣି ଅନେକ ସ୍ଖଳନକୁ ସ୍ୱାଗତ କରି ନେଇ ଥାନ୍ତି। ଏଇଥିରେ ଘଟେ ସେମାନଙ୍କ ଭାଗ୍ୟର ବିପର୍ଯ୍ୟୟ ଅତୀତ ଭବିଷ୍ୟତକୁ ବିସ୍ମରି ନଜର ଅନେକ ସମୟରେ ମାନବ ବର୍ତ୍ତମାନର ବିଳାସ ବ୍ୟସନରେ ଭାସି ଯାଏ।

ଏଥିର ଜ୍ୱଳନ୍ତ ଦୃଷ୍ଟାନ୍ତ ମିଳିବ—**କଳଙ୍କିନୀ**

ସୁନୀଲ ଏହିପରି ଭାବରେ ଅପେ ଆପେ ବରଣ କରି ନେଇଛି ବିପଦକୁ। ସାମାନ୍ୟ ଅର୍ଥ ଲୋଭରେ ପଡ଼ି ସେ ଜନ୍ମଦାତା ପିତାର ଗାଲରେ ମଧ୍ୟ ଚପୋଡ଼ା ଘାତ କରିବାକୁ କୁଣ୍ଠା ବୋଧ କରିନି।

ନିସ୍ସହ ପିତାର ଦୁଇ ଚକ୍ଷୁରୁ ସେତେବେଳେ ବହି ପଡୁଛି ଦୁଇଧାର ଲୁହ। ମୁଣ୍ଡ ତାର ସେତେବେଳେ ନଇଁ ପଡୁଛି। ତା ପରେ ହେଲା କଅଣ —

ପରବର୍ତ୍ତୀ ଆକର୍ଷଣ—

ଲୁହର ଦାଗ—[ ଉପନ୍ୟାସ ]

ଆଲୋକ ରଶ୍ମି [ ପଦ୍ୟଗୁଚ୍ଛ ]

## ପଢ଼ନ୍ତୁ ! ପଢ଼ନ୍ତୁ ! ପଢ଼ନ୍ତୁ

272
17 ... 59

ସେମାଣ୍ଟିଙ୍କର ଉପନ୍ୟାସ — ରୋଞ୍ଚଏକି

ଏହାପରେ ପ୍ରକାଶ ପାଉଛି

## ଷ୍ଟ୍ରେଞ୍ଜ ଗାର୍ଲ

ଦୁଇଟି ପ୍ରାଣର ଅପୂର୍ବ ମିଳନ ପଥରେ କିଏ ଏଇ ଅଦ୍ଭୁତ ବାଳିକା ? କିଏ ଏଇ ଅଦ୍ଭୁତ ବାଳିକା ଯେକି ସ୍ପଷ୍ଟ ଦିବା ଲୋକରେ ମଣିଷ ଆଖି ଆଗରେ ସୃଷ୍ଟି କରି ପାରୁଛି ମାୟା ମରୀଚିକା .. ସହରର ଅନ୍ଧକାର ଗର୍ଭରେ ସୃଷ୍ଟି କରି ପାରେ ପ୍ରେତପୁରୀର ଗନ୍ଧା-ଘର -- ସାହସର ଶେଷ ସୀମା ଲୁଟେଇ ଜୀବନ୍ତ ମଣିଷ ଆଖିରେ ଧୂଳିଦେଇ ସୃଷ୍ଟି କରି ଦେଇଛି ମାୟା ପୁରୀର ଇନ୍ଦ୍ରଜାଲ ?

କିଏ --- କିଏ ଏଇ ଅଦ୍ଭୁତ ବାଳିକା ? କିଏ ଏଇ ରହସ୍ୟମୟୀ ? ଏଇ ରୋମାଞ୍ଚକ ଘଟଣା ପୂର୍ଣ୍ଣ ଉତ୍ତେଜକଟିଏ ଗଳ୍ପ ଖୋଲି କହିଦେବ ଷ୍ଟ୍ରେଞ୍ଜ ଗାର୍ଲ ମୂଲ୍ୟ ୫।୯

ପୁଣି ପରେ ପରେ ପ୍ରକାଶ ପାଉଛି—

## ଫିଲ୍ମ ଷ୍ଟାର

## ଅଦୃଶ୍ୟ ମାନବ